


ଉଦ୍‌ଭାସଙ୍କ ଚମତ୍କାର ପ୍ରତ୍ୟାବର୍ତ୍ତନ

ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com

RNI NO :ODIODI/2001/04811  Postal Regd No : BN/249/15-17

Vol. 33 | ISSUE 129 | ଭାଗ ୩୩ | ସଂଖ୍ୟା ୧୨୯ | Bhubaneswar | Wednesday 30 July 2025 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୩୦ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ସିନ୍ଦୂରରୁ ସିନ୍ଧୁ ପର୍ଯ୍ୟନ୍ତ ପରିଣାମ ଭୋଗିଛି ପାକ୍

# ବିଶ୍ୱ ଦେଲା ସମର୍ଥନ, କଂଗ୍ରେସ ଦେଲାନି

- 'ଅପରେସନ୍ ସିନ୍ଦୂର' ବିତର୍କ, କଂଗ୍ରେସ ଉପରେ ବର୍ଷିଲେ ମୋଦି
- ୧୦୨ ମିନିଟ୍‌ର ଭାଷଣରେ 'ଭାରତ ଆଭିମୁଖ୍ୟ' ଉପସ୍ଥାପିତ
- ପାକିସ୍ତାନର ମୁଖପାତ୍ର ପରି ଆଚରଣ କରିଛି କଂଗ୍ରେସ
- 'ଅପରେସନ୍ ସିନ୍ଦୂର'ରେ ଅନ୍ତର୍ଜାତୀୟ ଚାପ କାମ କରିନି
- ଆତଙ୍କୀ ଆକ୍କାଙ୍କ ଆଖିକୁ ନିଦ ଆସୁନି
- କଂଗ୍ରେସ ଭୁଲ୍‌ର ପରିଣାମ ପାକିସ୍ତାନ: ଶାହ



ନୂଆଦିଲ୍ଲୀ,୨୯।୭: ସଂସଦର ଚଳିତ ମୌସୁମୀ ଅଧିବେଶନରେ 'ଅପରେସନ୍ ସିନ୍ଦୂର' ଉପରେ ଗତକାଲି ବିତର୍କ ଆରମ୍ଭ ହୋଇଥିବା ବେଳେ ଆଜି ଅଧିବେଶନର ସପ୍ତମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀଙ୍କୁ କଡ଼ା ଜବାବ ଦେଇଛନ୍ତି। 'ଅପରେସନ୍ ସିନ୍ଦୂର' କୌଣସି ଅନ୍ତର୍ଜାତୀୟ ଚାପ ପ୍ରଭାବରେ ବନ୍ଦ ହୋଇଛି ବୋଲି ବିରୋଧୀମାନେ ଲଗାତାର ଅଭିଯୋଗ କରିଆସୁଥିବା ବେଳେ ଏହାକୁ ଆଜି ମୋଦି ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ଅପରେସନ୍ ସିନ୍ଦୂର ବନ୍ଦ ହୋଇନାହିଁ। ଏହା କେବଳ ସ୍ଥଗିତ ରହିଛି, ଯେକୌଣସି ସମୟରେ କୌଣସି ପ୍ରକାର ଆତଙ୍କୀ କାର୍ଯ୍ୟକଳାପ ପରିପ୍ରେକ୍ଷୀରେ ଏହା ଆରମ୍ଭ ହେବାକୁ ବେଶୀ ସମୟ ଲାଗିବ ନାହିଁ। ପ୍ରଧାନମନ୍ତ୍ରୀ ପାଖାପାଖି ୧୦୨ ମିନିଟ୍ ଧରି ଦେଇଥିବା ଅଭିଭାଷଣରେ ବିରୋଧୀ କଂଗ୍ରେସକୁ ପୂରାପୂରି ଧୋଇଦେଇଛନ୍ତି। କଂଗ୍ରେସର ଦେଶବିରୋଧୀ ଆଚରଣ ଦେଶବାସୀଙ୍କୁ ସ୍ତବ୍ଧ କରିଛି ଓ ଏପରି ଆଚରଣରୁ କଂଗ୍ରେସ ନିଜକୁ ପାକିସ୍ତାନର ମୁଖପାତ୍ର ବୋଲି ସାବ୍ୟସ୍ତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିସହ ଅପରେସନ୍ ସିନ୍ଦୂରକୁ ଭାରତୀୟ ସେନା ପାଇଁ ବିଜୟୋତ୍ସବ ବୋଲି ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବା ସହ ସମଗ୍ର ପ୍ରସଙ୍ଗରେ 'ଭାରତର ଆଭିମୁଖ୍ୟ' ସମ୍ପର୍କରେ ଉପସ୍ଥାପନ କରିଥିଲେ।

ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧିଙ୍କ ଅଭିଭାଷଣର ଜବାବ ରଖିବାକୁ ଯାଇ ମୋଦି କହିଥିଲେ ଯେ ସଂସଦ ଅଧିବେଶନର ଆରମ୍ଭରୁ ଏହା ଭାରତର ବିଜୟୋତ୍ସବର ଅଧିବେଶନ ବୋଲି ମୁଁ କହିଆସିଛି। ଭାରତ ଅପରେସନ୍ ସିନ୍ଦୂର ମାଧ୍ୟମରେ ଆତଙ୍କୀଙ୍କ ମୁଖ୍ୟାଳୟକୁ ମାଟିରେ ମିଶାଇଛି। ୧୪୦ କୋଟି ଭାରତୀୟ ଏକତା, ଇଚ୍ଛାଶକ୍ତି, ଅପ୍ରତୀମ ବିଜୟର ➪ପୃଷ୍ଠା-୬

### ବିଜେଡି ସଂସଦୀୟ ଦଳରେ ଫାଟ ଜଳ ଜଳ

# ରୁଷିଛନ୍ତି କି ଋଷି ?

## ଋଷିଙ୍କ ପ୍ଲାକାର୍ଡ ଧରିଲେ ବିଶି



ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ): ଓଡିଶାରେ ମହିଳା ସୁରକ୍ଷା ପ୍ରସଙ୍ଗକୁ ଦିଲ୍ଲୀ ଦରବାରରେ ଉଠାଇବା ପାଇଁ ବିଜେଡି ଆଜି ସଂସଦ ଭବନ ପରିସରରେ ଧାରଣା ଦେଇଥିବା ବେଳେ ଦଳର ୭ ଜଣ ସାଂସଦ କିନ୍ତୁ ଏକାଠି ହୋଇପାରିନଥିଲେ। ଗାନ୍ଧି ମୂର୍ତ୍ତି ତଳେ ଝୁଡୁ ବର୍ଷାରେ ଛତା ଧରି ୬ ଜଣ ସାଂସଦ ହାତରେ ପ୍ଲାକାର୍ଡ ସହ ଛିଡା ହୋଇଥିବା ବେଳେ ସାଂସଦ ଦେବାଶିଷ ସାମନ୍ତରାୟ (ଋଷି)ଙ୍କୁ ଦେଖିବାକୁ ମିଳନଥିଲା। ଫଳରେ ବିଜେଡି ସଂସଦୀୟ ଦଳରେ ଫାଟ ରହିଥିବା ନେଇ ଏବେ ଆଲୋଚନା ଜୋର ଧରିଛି। ରାଜ୍ୟରେ ମହିଳା ଅସୁରକ୍ଷିତ ବୋଲି ଜାତୀୟ ଗଣମାଧ୍ୟମ ଓ ସଂସଦର ଦୃଷ୍ଟି ଆକର୍ଷଣ କରିବା ପାଇଁ ବିଜେଡି ଆଜି ତା'ର ପୂର୍ବ ଘୋଷଣା ଅନୁସାରେ ସଂସଦ ଭବନ ପରିସରସ୍ଥିତ ଗାନ୍ଧି ମୂର୍ତ୍ତି ତଳେ ହାତରେ ପ୍ଲାକାର୍ଡ ଧରି ଧାରଣା ଦେଇଥିଲେ। ଏଥିରେ ସାଂସଦ ଡ. ସସ୍ମିତ ପାତ୍ର, ସୁଲତା ଦେଓ, ମୁନ୍ନା ଖାଁ, ମାନସ ➪ପୃଷ୍ଠା-୬

### ଜାତୀୟ ଶିକ୍ଷା ନୀତି-୨୦୨୦ର ୫ ବର୍ଷ ପୂର୍ତ୍ତି

# 'ବିକଶିତ ଭାରତ' ସ୍ୱପ୍ନ ସାକାର କରିବ ଏନ୍‌ଇପି




- ଏବିଏସ୍‌ଏସ୍-୨୦୨୫ର ଉଦଘାଟନ କଲେ
- ୪ ହଜାର କୋଟିର ପ୍ରକଳ୍ପ ଲୋକାର୍ପିତ ଓ ଶିଳାନ୍ୟାସ
- ଶିକ୍ଷାଗତ ପରିବର୍ତ୍ତନର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଏଜେଣ୍ଡା ପ୍ରସ୍ତୁତ

ନୂଆଦିଲ୍ଲୀ,୨୯।୭: 'ବିକଶିତ ଭାରତ' କେବଳ ଏକ ଭିଜନ ନୁହେଁ ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦିଆଯାଇଥିବା କାମକୁ କାର୍ଯ୍ୟକାରୀ କରିବା ଦିଗରେ ଏକ ଶକ୍ତିଶାଳୀ ଆହ୍ୱାନ । ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାକୁ ହେଲେ ଜାତୀୟ ଶିକ୍ଷା ନୀତି ସବୁଠାରୁ ପ୍ରଭାବଶାଳୀ ଅସ୍ତ୍ର ବୋଲି ମଙ୍ଗଳବାର ଏଠାଠାରେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)-୨୦୨୦ର ୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଅଖିଳ ଭାରତୀୟ ଶିକ୍ଷା ସମାଗମ (ଏବିଏସଏସ)-୨୦୨୫ର ଉଦ୍‌ଘାଟନ ➪ପୃଷ୍ଠା-୬

### ସପ୍ତାହେ ବ୍ୟାପୀ 'ଆକାଂକ୍ଷା ହାଟ ଅଭିଯାନ' ଆରମ୍ଭ

# ପୂରଣ ହେବ ଆକାଂକ୍ଷୀ ଜିଲ୍ଲା ଆକାଂକ୍ଷା

- ଦୁର୍ଗମ ଜିଲ୍ଲାକୁ ଯୋଗାଯୋଗ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ
- ଡିଜିଟାଲ ଇ-ମାର୍କେଟ ପ୍ଲେସରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲା ଉତ୍ପାଦ
- ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଜିଲ୍ଲା ଓ ବ୍ଲକ୍ ପୁରସ୍କୃତ



ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ): ରାଜ୍ୟ କନଭେନସନ କେନ୍ଦ୍ରଠାରେ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ସପ୍ତାହେ ବ୍ୟାପୀ ଆକାଂକ୍ଷା ହାଟ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଆସ୍ପିରେସନାଲ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ଏକ ସଫଳ ମଡେଲ ସାବ୍ୟସ୍ତ ହୋଇଛି ବୋଲି କହିବା ସହ ଆଗାମୀ ଦିନରେ ଆକାଂକ୍ଷୀ ଜିଲ୍ଲାମାନଙ୍କର ସମସ୍ତ ଆକାଂକ୍ଷା ପୂରଣ ହେବ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆସ୍ପିରେସନାଲ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମରେ ତୃଣମୂଳ ସ୍ତରରେ ଯୋଜନା କିପରି କାର୍ଯ୍ୟକାରୀ କରାଯାଇପାରିବ, ତା' ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି, ଜଳସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ଦକ୍ଷତା ବିକାଶକୁ ଆଧାର କରି ସାମାଜିକ ଅର୍ଥନୈତିକ ସୂଚକାଙ୍କ ମାଧ୍ୟମରେ ସମାବେଶୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ ହେଉଛି। ଜିଲ୍ଲା ପରେ ଏବେ ବ୍ଲକକୁ ଏହି ଯୋଜନା ସମ୍ପ୍ରସାରିତ ହୋଇଛି। କାର୍ଯ୍ୟକ୍ରମରେ ୩ଟି ସି- କନ୍‌ଭର୍ଜେନ୍ସ ଅର୍ଥାତ କେନ୍ଦ୍ର ଓ ରାଜ୍ୟ ଯୋଜନାର ସମନ୍ୱୟ, କୋଲାବରେସନ୍ ଅର୍ଥାତ ➪ପୃଷ୍ଠା-୬




# ଶାନ୍ତି ରାଷ୍ଟ୍ରପତିଙ୍କ ଚେହେରାରେ ଲୁଚି ରହିଛି ଯୁଦ୍ଧ ଅସ୍ତ୍ରଶସ୍ତ୍ର ବିକ୍ରେତାଙ୍କ ଚରିତ୍ର

## ଟ୍ରମ୍ପଙ୍କ ଗେମ୍ ପ୍ଲାନ୍



**ୱାଶିଂଟନ, ୨୯।୭:** ଯେତେବେଳେ ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କଲେ, ସେ ନିଜକୁ ଶାନ୍ତି ରାଷ୍ଟ୍ରପତି ଅର୍ଥାତ୍ ଶାନ୍ତିର ଅଗ୍ରଦୂତ ବୋଲି କହିଥିଲେ। ତାଙ୍କର ମିଛ କଥା ପଛରେ ଥିବା ପ୍ରକୃତ ଏଜେଣ୍ଡା ଏବେ ବିଶ୍ୱ ସମ୍ମୁଖରେ ପ୍ରକାଶ ପାଇଛି ବୋଲି ଚର୍ଚ୍ଚା ହେଉଛି। ଗତ ଛଅ ମାସ ମଧ୍ୟରେ ବିଶ୍ୱର ବିଭିନ୍ନ ସ୍ଥାନରେ ଘଟିଥିବା ସାମରିକ ସଂଘର୍ଷ, ତାହା ଇରାନ-ଇସ୍ରାଏଲ ହେଉ କିମ୍ବା ଭାରତ-ପାକିସ୍ତାନ କିମ୍ବା ଥାଇଲ୍ୟାଣ୍ଡ-କମ୍ବୋଡିଆ ହେଉ, ସେସବୁରେ ଟ୍ରମ୍ପଙ୍କ ନୀତି କିମ୍ବା ତାଙ୍କ ପ୍ରଶାସନର ଛାୟା ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି।ଶାନ୍ତି ଦାବିର ବିପରୀତ ଟ୍ରମ୍ପଙ୍କ ଗୁପ୍ତ ଏଜେଣ୍ଡା ଏବେ ସାମ୍ନାକୁ ଆସିଛି। ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ,ଟ୍ରମ୍ପ୍ ଆମେରିକାକୁ ସବୁଠାରୁ ବଡ଼ ଅସ୍ତ୍ର ବିକ୍ରେତା କରିବା ପାଇଁ ଏକ ରଣନୀତି ଉପରେ କାମ କରିଥିଲେ। ତାଙ୍କ ନୀତି ଯୋଗୁ ୟୁରୋପୀୟ ଦେଶମାନେ ଐତିହାସିକ ଭାବରେ ସେମାନଙ୍କର ପ୍ରତିରକ୍ଷା ବଜେଟ ବୃଦ୍ଧି କରିଥିଲେ। ସେମାନେ ଆମେରିକୀୟ କମ୍ପାନିଗୁଡ଼ିକ ସହିତ କୋଟି କୋଟି ଡଲାରର ଚୁକ୍ତି ମଧ୍ୟ କରିଥିଲେ। ଜର୍ମାନୀ, ଫ୍ରାନ୍ସ, ପୋଲାଣ୍ଡ ଏବଂ ୟୁକେ ନାଟୋ ନାମରେ ଚାପରେ ଆସି ୨୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ଅସ୍ତ୍ରଶସ୍ତ୍ର କିଣିଥିଲେ। ଆମେରିକୀୟ କମ୍ପାନିଗୁଡ଼ିକ ୟୁରୋପକୁ ଏଫ-୩୫ ଲଢ଼ୁଆ ବିମାନ, ପାଟ୍ରିଅଟ୍ ମିସାଇଲ୍ ସିଷ୍ଟମ୍ ଏବଂ ହିମାର୍ସ ଭଳି ଅସ୍ତ୍ରଶସ୍ତ୍ର ବିକ୍ରି କରିଥିଲେ। ରୁଷିଆ ସହିତ ଯୁଦ୍ଧର ଧମକ ଦେଇ ଏସବୁ କରାଯାଇଥିଲା। ଟ୍ରମ୍ପଙ୍କ ଗେମ୍ ପ୍ଲାନ୍‌ରେ ଯୁଦ୍ଧ ପ୍ରଚାର ରଣନୀତିକୁ ସାମିଲ କରାଯାଇଛି। ଯୁଦ୍ଧ ପ୍ରଚାର ରଣନୀତି ଅନ୍ତର୍ଗତ ପ୍ରଥମେ ଉସୁକାଇବା, ତା'ପରେ ଅସ୍ତ୍ର ବିକ୍ରୟ କରିବା ପାଇଁ ଟ୍ରମ୍ପ୍ ଯୋଜନା କରିଛନ୍ତି। ଇରାନ ବନାମ ଇସ୍ରାଏଲ ଯୁଦ୍ଧରେ ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ରଣନୈତିକ ମେଣ୍ଟ ଅନ୍ତର୍ଗତ ଟ୍ରମ୍ପ୍ ଇରାନ ଉପରେ ଚାପ ବୃଦ୍ଧି କରିଚାଲିଥିଲେ। ପ୍ରଥମେ ସେ ଇରାନକୁ ପରମାଣୁ ଚୁକ୍ତିରେ ସହମତ ହେବା ପାଇଁ ୬୦ ଦିନର ଅଲ୍ଟିମେଟମ୍ ଦେଇଥିଲେ। କିନ୍ତୁ ଏହା ପୂର୍ବରୁ ମଧ୍ୟ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିଥିଲା। ଦୁଇ ଦେଶ ମଧ୍ୟରେ ୧୨ ଦିନିଆ ଯୁଦ୍ଧ ହୋଇଥିଲା। ଯେଉଁଥିରେ ଇସ୍ରାଏଲକୁ ସୁରକ୍ଷା ଦେବା ପାଇଁ ଆମେରିକା ମଧ୍ୟ ସିଧାସଳଖ ଯୁଦ୍ଧରେ ପ୍ରବେଶ କରିଥିଲା। ଏବେ ଯେତେବେଳେ ଇରାନ ଏବଂ ଇସ୍ରାଏଲ ଯୁଦ୍ଧ କଲେ, ଆମେରିକୀୟ ପ୍ରତିରକ୍ଷା କମ୍ପାନିଗୁଡ଼ିକୁ କୋଟି କୋଟି ଡଲାର ମୂଲ୍ୟର ଅର୍ଡର ମିଳିଥିଲା। ସେହିପରି ଭାରତ-ପାକିସ୍ତାନ ବିବାଦରେ କଶ୍ମୀର ଏବଂ ଆତଙ୍କବାଦ ଭଳି ପ୍ରସଙ୍ଗ ଉଠିବା ସହିତ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଆମେରିକା ପ୍ରଥମେ ପାକିସ୍ତାନକୁ ଏଫ-୧୬ର ଅପଗ୍ରେଡ୍ ଦେଇଥିଲା। ଆମେରିକା ପାକିସ୍ତାନକୁ ପିଠି ଥାପୁଡ଼ାଇବା ପ୍ରକ୍ରିୟା ଜାରି ରଖିଛି। ଆମେରିକା ପାକିସ୍ତାନୀ ସେନା ଏବଂ ସରକାରଙ୍କ ସହିତ ନୂତନ ବନ୍ଧୁତା ସ୍ଥାପନ କରୁଛି। ଏହା ସହିତ ଆମେରିକା ଭାରତକୁ ଏଫ-୩୫, ସଶସ୍ତ୍ର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ପ୍ରଦାନ କରିଛି।

ଥାଇଲ୍ୟାଣ୍ଡ-କମ୍ବୋଡିଆ ଯୁଦ୍ଧରେ ଦକ୍ଷିଣ-ପୂର୍ବ ଏସିଆରେ ପ୍ରାଧାନ୍ୟ ବଜାୟ ରଖିବା ପାଇଁ ଟ୍ରମ୍ପଙ୍କ କାର୍ଯ୍ୟକାଳରେ ଆରମ୍ଭ ହୋଇଥିବା ରଣନୀତି ଏବେ ମୁକାବିଲାର ରୂପ ନେଇଛି। ଚୀନ୍‌କୁ ଘେରିବା ନାମରେ, ଆସିଆନ ଦେଶଗୁଡ଼ିକୁ ଅସ୍ତ୍ରଶସ୍ତ୍ର କିଣିବାକୁ ଉତ୍ସାହିତ କରାଯାଉଛି ବୋଲି ବିଶେଷଜ୍ଞ କହିଛନ୍ତି। ଏହାର ଅର୍ଥ ହେଉଛି ଯେ, ଟ୍ରମ୍ପ୍ ଜଣେ ଶାନ୍ତି ରାଷ୍ଟ୍ରପତିଙ୍କ ମୁଖା ତଳେ ଯୁଦ୍ଧ ଅସ୍ତ୍ରଶସ୍ତ୍ର ବିକ୍ରେତାଙ୍କ ଭୂମିକା ଗ୍ରହଣ କରୁଛନ୍ତି। ଟ୍ରମ୍ପ୍ ବାରମ୍ବାର ସାର୍ବଜନୀନ ଭାବରେ ଶାନ୍ତି, ଆଲୋଚନା ଏବଂ ଚୁକ୍ତିନାମା ବିଷୟରେ କଥା ହେଉଥିଲେ ଆଉ ଶେଷ ହେଉ ନଥିବା ଯୁଦ୍ଧ ନୁହେଁ ବୋଲି ସ୍ଲୋଗାନ ଦେଇଥିଲେ। ସେ ୨୪ ଘଣ୍ଟା ମଧ୍ୟରେ ଯୁଦ୍ଧ ବନ୍ଦ କରିବାକୁ ଘୋଷଣା କରିଥିଲେ। କିନ୍ତୁ, ପରଦା ପଛରେ ତାଙ୍କର ପ୍ରକୃତ ଲକ୍ଷ୍ୟ ଥିଲା ଆମେରିକୀୟ ସାମରିକ ଶିଳ୍ପ ସଂକଳନକୁ ନୂତନ ଜୀବନ ଦେବା। ଟ୍ରମ୍ପଙ୍କ ଯୋଗୁ ଲକହିଡ୍ ମାର୍ଟିନ୍, ରେଥିଅନ୍, ବୋଇଂ ଭଳି ଅସ୍ତ୍ରଶସ୍ତ୍ର କମ୍ପାନିଗୁଡ଼ିକର ସେୟାର ରେକର୍ଡ ଉଚ୍ଚତାରେ ପହଞ୍ଚିଥିଲା। ଆଗକୁ ରୁଷିଆ ଏବଂ ଆମେରିକା ମୁହାଁମୁହିଁ ହେବେ ବୋଲି ଚର୍ଚ୍ଚା ହେଉଛି। ବିଭିନ୍ନ ମୋର୍ଚ୍ଚାରେ ଯୁଦ୍ଧ ଚାଲିଥିବାରୁ, ଆମେରିକା ଏବଂ ରୁଷ ମୁହାଁମୁହିଁ ହୋଇଛନ୍ତି। ୟୁକ୍ରେନରେ ପୂର୍ବରୁ ଏକ ଯୁଦ୍ଧ ଚାଲିଛି, ଏବେ କ୍ରେମଲିନ୍ ଏବଂ ହ୍ୱାଇଟ୍ ହାଉସ୍ ରୁଷିଆର ସମୟସୀମା ଦଶ-ବାର ଦିନ ବୃଦ୍ଧି କରିବା ନାମରେ ପରସ୍ପର ସହିତ ବିବାଦ କରୁଛନ୍ତି। ଅଗଷ୍ଟ ୧୦ ପରେ ଯେଉଁ ଅଶାନ୍ତି ହେବ ତାହା ମଧ୍ୟ ଟ୍ରମ୍ପଙ୍କ ଗେମ୍ ପ୍ଲାନ୍‌ର ଏକ ଅଂଶ ଯେଉଁଥିରେ ସେ ଜୋ ବାଇଡେନଙ୍କ ଯୁଦ୍ଧକୁ ଏକ ବଡ଼ ସ୍ତରକୁ ନେଇଯିବେ ବୋଲି ଯୁଦ୍ଧ ବିଶେଷଜ୍ଞ ମତପୋଷଣ କରୁଛନ୍ତି।




## ନିଜ ଲୋକଙ୍କ ଉପରେ ହେଲିକପ୍ଟରରୁ ଗୁଳି ଚଳାଉଛି ପାକିସ୍ତାନ

**ନୂଆଦିଲ୍ଲୀ, ୨୯।୭:** ପାକିସ୍ତାନର ଖାଇବର ପଖତୁନଖ୍ୱା (ପିକେପି) ଅଞ୍ଚଳରେ ପାକ ସରକାରଙ୍କ ବିରୋଧରେ ନିୟମିତଭାବେ ବିକ୍ଷୋଭ ଚାଲିଛି। ପାକିସ୍ତାନ ସରକାର ଅତ୍ୟନ୍ତ ନିର୍ମମଭାବେ ଏହି ଆନ୍ଦୋଳନକୁ ଦମନ କରୁଛନ୍ତି। ଏପରିକି ନିରୀହ ଲୋକମାନଙ୍କ ଉପରେ ଗନସିପ୍ ହେଲିକପ୍ଟର ମଧ ବ୍ୟବହାର କରାଯାଉଛି। ପାକିସ୍ତାନ ସେନା ବାଜୌର ଜିଲ୍ଲାର ୧୬ଟି ଅଞ୍ଚଳରେ ହଠାତ୍ ତିନିଦିନିଆ କର୍ଫ୍ୟୁ ଜାରି କରି ବିଚ୍ଛିନ୍ନତାବାଦୀଙ୍କ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏହା ଅଧୀନରେ, ଗନସିପ୍ ହେଲିକପ୍ଟର ମଧ ବ୍ୟବହାର କରାଯାଉଛି, ଯାହା ଯୋଗୁଁ ବହୁ ସଂଖ୍ୟକ ସ୍ଥାନୀୟ ଲୋକ ପ୍ରାଣ ହରାଇଛନ୍ତି ଏବଂ ଆହତ ହେଉଛନ୍ତି। ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ କରାଯାଇଥିବା ଏହି କାର୍ଯ୍ୟାନୁଷ୍ଠାନରେ, ପାକସେନା ଦାବି କରିଛି ଯେ ଏହା ତିନି ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଛି। ପାକିସ୍ତାନ ସେନା ବାଜୌର ଜିଲ୍ଲାର ୧୬ଟି ଅଞ୍ଚଳରେ ହଠାତ୍ ତିନିଦିନିଆ କର୍ଫ୍ୟୁ ଜାରି କରି ବିଚ୍ଛିନ୍ନତାବାଦୀଙ୍କ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏହା ଅଧୀନରେ, ଗନସିପ୍ ହେଲିକପ୍ଟର ମଧ ବ୍ୟବହାର କରାଯାଉଛି, ଯାହା ଯୋଗୁଁ ବହୁ ସଂଖ୍ୟକ ସ୍ଥାନୀୟ ଲୋକ ପ୍ରାଣ ହରାଇଛନ୍ତି ଏବଂ ଆହତ ହେଉଛନ୍ତି। ପାକିସ୍ତାନ ସେନାର ନିର୍ଦ୍ଦେଶରେ, ବାଜୌର ଜିଲ୍ଲାର ଡେପୁଟି କମିଶନର ଏକ ନିର୍ଦ୍ଦେଶ ଜାରି କରିଛନ୍ତି ଏବଂ ୨୯ ଜୁଲାଇ ୨୦୨୫ ସକାଳ ୫ଟାରୁ ୩୧ ଜୁଲାଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ୧୬ଟି ଅଞ୍ଚଳରେ କର୍ଫ୍ୟୁ ଘୋଷଣା କରିଛନ୍ତି। ଏହି ସମ୍ପର୍କରେ ଜାରି କରାଯାଇଥିବା ନିର୍ଦ୍ଦେଶରେ, ବାଜୌରର ଡେପୁଟି କମିଶନର କହିଛନ୍ତି ଯେ ଏହି ସମୟ ମଧରେ ସମସ୍ତ ସ୍ଥାନୀୟ ନାଗରିକ ଘରୁ ବାହାରକୁ ନ ବାହାରିବେ ଏବଂ କୌଣସି ଯାନବାହନ ରାସ୍ତାରେ ନ ଆସିବେ କାରଣ ସେନା ଏକ ବଡ଼ ଅପରେସନ ଆରମ୍ଭ କରିବାକୁ ଯାଉଛି।

## ନ୍ୟୁୟର୍କରେ ଅତର୍କିତ ଗୁଳିକାଣ୍ଡ: ଚାହୁଁ ଚାହୁଁ ଚାଲିଗଲା ୫ ଜୀବନ

ନ୍ୟୁୟର୍କ: ଆମେରିକାର ନ୍ୟୁୟର୍କରେ ଭୟଙ୍କର ଗୁଳିକାଣ୍ଡ, ଏହି ଭୟଙ୍କର ଗୁଳିକାଣ୍ଡରେ ୫ଜଣଙ୍କ ମୃତ୍ୟୁ ହୋଇଛି। ସର୍ବସାଧାରଣ ସ୍ଥାନରେ ଆଖିବୁଜା ଗୁଳି ଚଳାଇଲେ ବନ୍ଧୁକଧାରୀ। ଏଥିରେ ଜଣେ ପୁଲିସ ଅଧିକାରୀଙ୍କ ସହ ୪ ଜଣଙ୍କ ମୃତ୍ୟୁ ହୋଇଛି। ପାଲଟା ଗୁଳିରେ ସୁଟର ମଧ ପ୍ରାଣ ହରାଇଛି। ନ୍ୟୁୟର୍କର ସେଣ୍ଟ୍ରାଲ ମନହାଟନରେ ଗୁଳିକାଣ୍ଡର ଭିଜୁଆଲ ସାମ୍ନାକୁ ଆସିଛି। ସୁଟର ଜଣଙ୍କ ଲାସ୍ ଭେଗାସର ୨୭ ବର୍ଷୀୟ ସେନ ତାମୁରା। ଏନେଇ ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା ସିଏନଏନ ପକ୍ଷରୁ ରିପୋର୍ଟ ପ୍ରକାଶ କରିଛି। ଅଭିଯୁକ୍ତ ସୁଟର ପାଖରେ ହ୍ୟାଣ୍ଡଗନ ରଖିବା ପାଇଁ ଲାଇସେନ୍ସ ଥିଲା, କିନ୍ତୁ ତାହାର ଅବଧି ଶେଷ ହୋଇଯାଇଥିଲା। ସୁଟର ବୁଲେଟ ପ୍ରୁଫ୍ ପୋଷାକ ପିନ୍ଧିଥିବା ବେଳେ ଏୟାର ଷ୍ଟାଇଲ ରାଇଫଲ ଧରିଥିଲା। ମନହାଟନରେ ମଝି ସହରରେ ଜନଗହଳି ପୂର୍ଣ୍ଣ ସ୍ଥାନକୁ ଗୁଳି ଚଳାଇଥିଲା ସୁଟର। ପାଖରେ ଥିବା ପାର୍କ ଆଭିନ୍ୟୁ ଲବିରୁ ଗୁଳି ଚଳାଇଥିଲା ଅଭିଯୁକ୍ତ। ସ୍ଥାନୀୟ ସମୟ ସନ୍ଧ୍ୟା ୬ଟା ୪୦ ମିନିଟ ସମୟରେ ଗୁଳିକାଣ୍ଡ ଘଟିଛି।

## ଆଇଭିଏଫ୍ ସେଣ୍ଟରରେ ଚାଲିଥିଲା ସରୋଗେସୀ ଘୋଟାଲା, ଡାକ୍ତରାଣୀଙ୍କ ସମେତ ୧୦ ଗିରଫ



ହାଇଦ୍ରାବାଦ, ୨୯।୭: ହସ୍ପିଟାଲରେ ଛୁଆ ଅଦଳବଦଳ ଏବଂ ଶିଶୁ ବିକ୍ରି ପରେ ଏବେ ସାମ୍ନାକୁ ଆସିଛି ଆଉ ଏକ ଚାଞ୍ଚଲ୍ୟକର ଖବର। ଆଇଭିଏଫ୍ ସେଣ୍ଟରରେ ଚାଲିଥିଲା ସରୋଗେସୀ ଘୋଟାଲା ଓ ସ୍ପର୍ମ ତସ୍କରୀ। ଡାକ୍ତରାଣୀଙ୍କ ସମେତ ୧୦ ଜଣଙ୍କୁ ବାନ୍ଧିଲା ପୁଲିସ। ସିକନ୍ଦରାବାଦରୁ ଏଭଳି ରାକେଟ୍‌ରେ ପର୍ଦ୍ଦାଫାସ୍ କରିଛି ହାଇଦ୍ରାବାଦ ପୁଲିସ। ସିକନ୍ଦରାବାଦ ରେଜିମେଣ୍ଟାଲ ବଜାର ସ୍ଥିତ ଏକ ଆଇଭିଏଫ୍ ସେଣ୍ଟରରେ ସରୋଗେସୀ ଘୋଟାଲା ଏବଂ ସ୍ପର୍ମ ତସ୍କରୀ ଚାଲିଥିବା ନେଇ ଏକ ରାଜସ୍ଥାନୀ ଦମ୍ପତି ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ହାଇଦ୍ରାବାଦ ପୁଲିସ ଆଇଭିଏଫ୍ ସେଣ୍ଟରରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସରୋଗେସୀ ଘୋଟାଲାର ପର୍ଦ୍ଦାଫାସ୍ ହୋଇଥିଲା। ପୁଲିସ ଏହି ମାମଲାରେ ଆଇଭିଏଫ୍ ଡାକ୍ତରାଣୀଙ୍କ ସମେତ ୧୦ ଜଣଙ୍କୁ ଗିରଫ କରିଛି। ଦମ୍ପତିଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଗତବର୍ଷ ସରୋଗେସୀ ପ୍ରକ୍ରିୟା ପାଇଁ ଉକ୍ତ କ୍ଲିନିକ୍‌କୁ ୩୫ ଲକ୍ଷ ଟଙ୍କା ଦେଇଥିଲେ। ଏଥିପାଇଁ ଜଣେ ମହିଳାଙ୍କୁ ବିଶାଖାପାଟଣାରୁ ପ୍ଲେନ୍ ଯୋଗେ ହାଇଦ୍ରାବାଦ ଅଣାଯାଇଥିଲା। ଛୁଆ ଜନ୍ମ ହେବା ପରେ ଉକ୍ତ ଦମ୍ପତି ଛୁଆର ଡିଏନଏ ଟେଷ୍ଟ କରିଥିଲେ। ରିପୋର୍ଟରେ ଭୟଙ୍କର ଖୁଲାସା ହୋଇଥିଲା। ଶିଶୁ ସହ ସେମାନଙ୍କର କୌଣସି ବାୟୋଲୋଜିକାଲ୍ ଲିଙ୍କ୍ ନଥିବା ଜଣାପଡ଼ିଥିଲା। ଡିଏନଏ ରିପୋର୍ଟ ଧରି ପତି-ପତ୍ନୀ ଦୁହେଁ ଆଇଭିଏଫ୍ ଡାକ୍ତରାଣୀଙ୍କ ନିକଟରେ ପହଞ୍ଚିଥିଲେ। ଏଥିରେ ଗଡ଼ବଡ଼ ହୋଇଥିବା ହୋଇଥିବା ଖୋଦ୍ ଡାକ୍ତରାଣୀ ମାନିଥିଲେ ଏବଂ ଏହାକୁ ସୁଧାରିବାକୁ ଆଶ୍ୱସନା ଦେଇଥିଲେ। ହେଲେ ପରେ ଡାକ୍ତରାଣୀ ଧରାଛୁଆଁ ଦେଇନଥିଲେ। ଯାହାଫଳରେ ଦମ୍ପତି ଥାନାର ଦ୍ୱାରସ୍ଥ ହୋଇଥିଲେ। ହାଇଦ୍ରାବାଦର ନର୍ଥ ଜୋନ୍ ଡେପୁଟି କମିଶନର ରଶ୍ମୀ ପେରୁମଲଙ୍କ କହିବା ଅନୁଯାୟୀ, ଗରିବ ମହିଳାଙ୍କୁ ଟଙ୍କା ଲୋଭ ଦେଖାଇ ସେମାନଙ୍କୁ ସରୋଗେଟ୍ ମଦର ହେବା ପାଇଁ ରାଜି କରାଯାଉଥିଲା। ଅନ୍ୟ ରାଜ୍ୟରୁ ଏହି ମହିଳାମାନଙ୍କୁ ଅଣା ଯାଉଥିଲା। ଏପରିକି ଗୁଜରାଟ ଏବଂ ମଧପ୍ରଦେଶରୁ ସ୍ପର୍ମ ଯୋଗାଡ଼ କରି ଏହି କ୍ଲିନିକ୍‌କୁ ପଠାଯାଉଥିଲା। ଏହି ରାକେଟ୍‌ର ଏବେ ପର୍ଦ୍ଦାଫାସ୍ ହୋଇଛି। ପୁଲିସ ଡାକ୍ତରାଣୀଙ୍କ ସମେତ ୧୦ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ୨୨ ପିଲାଙ୍କୁ ପୋଷ୍ୟ ଗ୍ରହଣ କରିବେ ରାହୁଲ



ଶ୍ରୀନଗର, ୨୯।୭: ଅପରେଶନ ସିନ୍ଦୂର ବେଳେ ପାକିସ୍ତାନୀ ସେନାର ସେଲ୍ ମାଡ଼ରେ ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲାରେ ଅନାଥ ହୋଇଥିବା ୨୨ ଜଣ ପିଲାଙ୍କୁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୋଷ୍ୟ ଭାବେ ଗ୍ରହଣ କରିବେ। ଏହି ପିଲାମାନେ ପାକିସ୍ତାନୀ ସେଲ୍ ମାଡ଼ରେ ସେମାନଙ୍କ ମା'ବାପାଙ୍କୁ ହରାଇଥିବା ଜମ୍ମୁ-କଶ୍ମୀର କଂଗ୍ରେସର ମୁଖ୍ୟ ମୁଖପାତ୍ର ରବୀନ୍ଦ୍ର ଶର୍ମା କହିଛନ୍ତି। ରାହୁଲ ଉକ୍ତ ପିଲାମାନଙ୍କ ସମସ୍ତ ଖର୍ଚ୍ଚ ବହନ କରିବେ। ମେ' ୭ରେ ଅପରେଶନ ସିନ୍ଦୂର ଆରମ୍ଭ ହୋଇଥିବା ବେଳେ ପାକିସ୍ତାନୀ ସେନା ୪ ଦିନ ଧରି ଜୋର୍‌ଦାର ସେଲ୍ ମାଡ଼ କରିଥିଲା। ଏଥିରେ ସୀମାନ୍ତ ଜିଲା ପୁଞ୍ଚ୍ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଆକ୍ରମଣରେ ୧୩ ଜଣ ସାଧାରଣ ଲୋକ ପ୍ରାଣ ହରାଇବା ସହ ୭୫ ଜଣ ଆହତ ହୋଇଥିଲେ ଏବଂ ଶତାଧିକ ଘର ଧ୍ୱଂସ ହୋଇଥିଲା।

# ଆହୁରି ମଜବୁତ ହେବ ଭାରତୀୟ ତଟରକ୍ଷୀ ବାହିନୀ



ଗୋଆ, ୨୯।୭: ଗୋଆ ଶିପୟାର୍ଡ ଲିମିଟେଡ (ଜିଏସଏଲ) ମଙ୍ଗଳବାର ଦିନ ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି) ପାଇଁ ନିର୍ମାଣ କରୁଥିବା ଆଠଟି ଫାଷ୍ଟ ପେଟ୍ରୋଲ ଭେସେଲ ମଧ୍ୟରୁ ପଞ୍ଚମ ଜାହାଜ 'ଅଟଳ'କୁ ସଫଳତାର ସହ ଉନ୍ମୋଚନ କରିଛି। ଏହି ଜାହାଜର ନାମକରଣ ଏବଂ ଉନ୍ମୋଚନ ଶିଳ୍ପା ଅଗ୍ରୱାଲଙ୍କ ଦ୍ୱାରା କରାଯାଇଥିଲା। ଯେଉଁଥିରେ ରୋଜୀ ଅଗ୍ରୱାଲ, ଆଇଡିଏଏସ, ପିଆଇଏଫଏ, ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଭାରତୀୟ ତଟରକ୍ଷୀ ବାହିନୀର ବରିଷ୍ଠ ଅଧିକାରୀ ଆଇ.ଜି. ସୁଧୀର ସାହନୀ, ଟି.ଏମ., ଡି.ଡି.ଜି. (ଏମ. ଏଣ୍ଡ.ଏମ.) ମଧ ଯୋଗ ଦେଇଥିଲେ। 'ଅଟଳ' ନାମକ ଏହି ଜାହାଜ ସମ୍ପୂର୍ଣ୍ଣ ଭାବେ ଭାରତରେ ଡିଜାଇନ ଏବଂ ନିର୍ମିତ ହୋଇଛି। ଯାହା ଭାରତର 'ଆତ୍ମନିର୍ଭର ଭାରତ' ଉଦ୍ୟମର ଏକ ଉଜ୍ଜ୍ୱଳ ଉଦାହରଣ। ଏହି ଜାହାଜର ଲମ୍ବ ୫୨ ମିଟର, ଚଉଡା ୮ ମିଟର ଏବଂ ଓଜନ ୩୨୦ ଟନ୍। ଏହା ଅତ୍ୟାଧୁନିକ ଉପକରଣ ଏବଂ କଣ୍ଟ୍ରୋଲେବଲ ପିଚ୍ ପ୍ରୋପେଲର (ସିପିପି) ଆଧାରିତ ପ୍ରୋପଲସନ ସିଷ୍ଟମରେ ସଜ୍ଜିତ। ଯାହା ଏହାକୁ ୨୭ ନଟ୍ ସ୍ପିଡରେ ଚାଲିବାରେ ସକ୍ଷମ କରିଛି। ଏହି ଜାହାଜର ମୁଖ୍ୟ କାର୍ଯ୍ୟ ମଧ୍ୟରେ ତଟବର୍ତ୍ତୀ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଉଚ୍ଚ-ଗତିର ଅପରେସନ, ମତ୍ସ୍ୟ ସୁରକ୍ଷା, ନିରୀକ୍ଷଣ, ତସ୍କରୀ ଏବଂ ସମୁଦ୍ର ଜନିତ ଡକାୟତି ରୋକିବା ଏବଂ ଉଦ୍ଧାର କାର୍ଯ୍ୟ ଆଦି ଅନ୍ତର୍ଭୁକ୍ତ ରହିଛି। ଏହା ଭାରତର ଏକଚ୍ଛତ୍ର ଆର୍ଥିକ ଅଞ୍ଚଳ (ଇଇଜେଡ୍) ଏବଂ ଦ୍ୱୀପ ଅଞ୍ଚଳ ଗୁଡ଼ିକର ସୁରକ୍ଷା ପାଇଁ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ରୋଜୀ ଅଗ୍ରୱାଲ କହିଥିଲେ ଯେ, ଏହି ଜାହାଜ ଗୋଆ ଶିପୟାର୍ଡ ଏବଂ ଭାରତୀୟ ତଟରକ୍ଷୀ ବାହିନୀର ସହଯୋଗରେ ଦେଶୀୟ ପ୍ରଯୁକ୍ତି ବିକାଶର ଏକ ମାଇଲଷ୍ଟୋନ। ଏହା ଭାରତର ସମୁଦ୍ରୀୟ ସୁରକ୍ଷା ଏବଂ ସ୍ୱାବଲମ୍ବୀ ପ୍ରତିରକ୍ଷା ଉତ୍ପାଦନରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି। ଗୋଆ ଶିପୟାର୍ଡ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରଜେଶ କୁମାର ଉପାଧ୍ୟାୟ କହିଛନ୍ତି ଯେ, ଏହି ଉନ୍ମୋଚନ ଦେଶର ସମୁଦ୍ରୀୟ ସୁରକ୍ଷା ଏବଂ ସ୍ୱଦେଶୀ ଶିଳ୍ପର ସାମର୍ଥ୍ୟକୁ ପ୍ରଦର୍ଶିତ କରୁଛି। ଏହା ସହିତ, ଜିଏସଏଲ ରାଜସ୍ୱରେ ୧୦୦% ବୃଦ୍ଧି ହାସଲ କରି ୨୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଯାହା ଏହାର ଅଭିବୃଦ୍ଧି ଏବଂ ଉଦ୍ଭାବନକୁ ପ୍ରତିଫଳିତ କରୁଛି। ଏହି ଜାହାଜ ଭାରତୀୟ ତଟରକ୍ଷୀ ବାହିନୀର ବହୁମୁଖୀ ସାମର୍ଥ୍ୟକୁ ବୃଦ୍ଧି କରିବ ଏବଂ ୨୦୩୦ ସୁଦ୍ଧା ତଟରକ୍ଷୀ ବାହିନୀରକୁ ୨୦୦ ଜାହାଜ ଏବଂ ୧୦୦ ବିମାନରେ ବିସ୍ତାର କରିବାର ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

## ପ୍ରେମ ସମ୍ପର୍କର ୧୦ବର୍ଷ ପରେ ମୁସଲିମ୍ ବୋଲି ପ୍ରେମିକାକୁ ହତ୍ୟା କଲା ପ୍ରେମିକ

**ଫରିଦାବାଦ, ୨୯।୭:** ପ୍ରେମ ସମ୍ପର୍କରେ ଲାଗିଲା କଳଙ୍କ। ୧୦ବର୍ଷ ପ୍ରେମ ସମ୍ପର୍କ ରଖିବା ପରେ ଧର୍ମ ପାଇଁ ପ୍ରେମିକାକୁ ହତ୍ୟା କଲା ପ୍ରେମିକ। ହରିୟାଣାର ଫରିଦାବାଦରେ ଘଟିଛି ଏଭଳି ଅଭାବନୀୟ ଘଟଣା। ୧୦ବର୍ଷର ସମ୍ପର୍କ ପରେ ପ୍ରେମିକା ବିବାହ ପାଇଁ କହିବାରୁ ଜଣେ ଯୁବକ ତାଙ୍କୁ ହତ୍ୟା କରିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଜୁଲାଇ ୨୪ରେ ଏକ ହୋଟେଲ ରୁମ୍ ଭିତରେ ଏହି ହତ୍ୟା ଘଟଣା ଘଟିଥିବା ବେଳେ ଏବେ ତାହା ସାମ୍ନାକୁ ଆସିଛି। ମୃତକଙ୍କ ନାମ ଶିଙ୍ଘା(୩୩) ବୋଲି ଜଣାପଡ଼ିଥିବା ବେଳେ ଅଭିଯୁକ୍ତର ନାମ ଦୀପକ ବୋଲି ଜଣାପଡ଼ିଛି। ଦିଲ୍ଲୀର ବଦରପୁରର ମୋହନ ବାବା ନଗରର ବାସିନ୍ଦା ଶିଙ୍ଘା ଏକ ଘରୋଇ ବ୍ୟାଙ୍କରେ ବୀମା ପରାମର୍ଶଦାତା ଭାବରେ କାମ କରୁଥିଲେ। ଜୁଲାଇ ୨୪ତାରିଖ ସକାଳେ, ସେ ତାଙ୍କ ପରିବାରକୁ ଅଫିସ ଯାଉଛି ବୋଲି କହି ଘରୁ ବାହାରିଥିଲେ। ପରେ ସେ ମଧ୍ୟାହ୍ନ ଭୋଜନ ବିଷୟରେ ପଚାରିବା ପାଇଁ ତାଙ୍କ ମାଆଙ୍କୁ ଫୋନ୍ ମଧ କରିଥିଲେ। କିନ୍ତୁ ରାତି ହେବା ପରେ ସେ ଘରକୁ ଫେରି ନଥିଲେ। ଏହା ସହ ତାଙ୍କ ଫୋନ ବନ୍ଦ ହୋଇଯାଇଥିଲା। ଏହି ଦିନ ସେ ଦୀପକଙ୍କ ସହ ଆଇପି କଲୋନିରେ ଥିବା ହୋଟେଲରେ ଚେକ୍ ଇନ୍ କରିଥିଲେ ବୋଲି ଜଣାଯାଇଛି। ତେବେ ଜୁଲାଇ ୨୫ରେ ଚେକ୍ ଆଉଟ୍ ସମୟ ଗଡ଼ିଯିବା ପରେ ବି ରୁମ୍ ନଖୋଲିବାରୁ ହୋଟେଲ କର୍ମଚାରୀ ରୁମ୍ ଖୋଲି ଭିତରକୁ ଯାଇଥିଲେ। ଭିତରକୁ ଯିବା ପରେ ଶିଙ୍ଘାଙ୍କ ମୃତଦେହ ଖଟ ଉପରେ ପଡ଼ିଥିବା ଦେଖିଥିଲେ କର୍ମଚାରୀ। ତାଙ୍କ ବେକରେ ଦାଗ ଥିବା ଦେଖି ଗଳା ଚିପି ତାଙ୍କର ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ପୁଲିସ ପହଞ୍ଚିବା ପରେ ଶିଙ୍ଘା ପୁରୁଷ ବନ୍ଧୁଙ୍କ ସହ ହୋଟେଲ ଆସିଥିବା ଜଣାଇଥିଲେ କର୍ମଚାରୀ। ଏହା ପରେ ଦୀପକଙ୍କୁ ଅଟକ ରଖି ପଚରାଉଚରା କରିବାରୁ ଅଭିଯୁକ୍ତ ନିଜର ଦୋଷ ମାନି ନେଇଥିଲା। ହତ୍ୟା କରିବା ପଛର କାରଣ ଜଣାଇ ସେ କହିଥିଲା ଯେ, "୧୦ବର୍ଷ ପ୍ରେମ ସମ୍ପର୍କ ରଖିଥିଲି। ମୋତେ ସେ ବିବାହ କରିବା ପାଇଁ ଚାପ ପକାଉଥିଲା। ସେ ମୁସଲିମ୍ ହୋଇଥିବାରୁ ମୁଁ ତାଙ୍କ ସହ ସମ୍ପର୍କ ଆଗକୁ ନେବାକୁ ଚାହୁଁନଥିଲି।"




## ଭାରତରେ ଆଇଏସଆଇର ଲେଡି ବ୍ରିଗେଡ

ନୂଆଦିଲ୍ଲୀ,୨୯।୭: ଧର୍ମାନ୍ତରୀକରଣ ଆଢୁଆଳରେ ଶତ୍ରୁର ବଡ଼ ପ୍ଲାନ୍। ଭାରତରେ ଆଇଏସଆଇର ଲେଡି ବ୍ରିଗେଡ୍। ସ୍ଲିପର ସେଲ୍ ସିଣ୍ଡିକେଟ୍‌ର ପର୍ଦ୍ଦାଫାଶ। ପାକ୍ ଗୁଇନ୍ଦା ସଂସ୍ଥାର ଷଡ଼ଯନ୍ତ୍ର ଫେଲ୍। ଅପରେସନ ସିନ୍ଦୂରରେ ମୁହଁ ମୁଥା ଖାଇଥିବା ପାକିସ୍ତାନ ପ୍ରତିଶୋଧ ନେବାକୁ ବିଲିବିଲି ହେଉଛି। ମୁହାଁମୁହିଁ ଯୁଦ୍ଧରେ ବାରମ୍ବାର ପରାସ୍ତ ହେବାପରେ ଏବେ ଏନଜିଓ ସଂସ୍ଥା ଏବଂ ୟୁଟୁବରଙ୍କ ଶରଣରେ ପଶିଛି। ଭାରତ ସାମ୍ନାସାମ୍ନି ନିଚା ଦେଖାଇବାକୁ ରୀତିମତ ଷଡ଼ଯନ୍ତ୍ର ଚଳାଇଛି ପାକ୍ ଗୁଇନ୍ଦା ସଂସ୍ଥା ଆଇଏସଆଇଏସ। ନୀରିହ ଗରିବ ଝିଅଙ୍କୁ ଅର୍ଥ ଲୋଭ ଦେଖାଇ ଧର୍ମ ପରିବର୍ତ୍ତନ ଆଢୁଆଳରେ ଦେଶର ବିଭିନ୍ନ ସ୍ଥାନରେ ମହିଳା ସ୍ଲିପର ସେଲ୍ ଗଠନ କରିବା ଯୋଜନାରେ ରହିଛି ପାକ୍ ଗୁଇନ୍ଦା ସଂସ୍ଥା। ଉତ୍ତର ପ୍ରଦେଶ ଆଗ୍ରାରୁ ଶତ୍ରୁ ଷଡ଼ଯନ୍ତ୍ରର ବଡ଼ ଖୁଲାସା ହୋଇଛି। ଏଥିରେ ଏନଜିଓ ସଂସ୍ଥାଙ୍କୁ ଢାଲ ବନାଇଥିଲା ପଡ଼ୋଶୀ ଦେଶ। ଫିଲିପାଇନ୍ସର 'ଗୋ-ଫଣ୍ଡ ମି' ନାମକ ଏନଜିଓ ସଂସ୍ଥା ମାଧମରେ ବିଦେଶରୁ କୋଟି କୋଟି ଟଙ୍କାର ଫଣ୍ଡ ଭାରତକୁ ଆସୁଥିଲା। ଏହାର ପ୍ରମାଣ ଡଲାର ଏବଂ କ୍ରିପ୍ଟୋ କରେନ୍ସିରେ ପାଣ୍ଠିରେ ମିଳିଛି। ଏକ ସିଣ୍ଡେକେଟ୍ ଇଂଲଣ୍ଡ ଏବଂ କାନାଡାରୁ ଦାନ ଆକାରରେ ପାଣ୍ଠି ଏନଜିଓ ସଂସ୍ଥାକୁ ପଠାଉଥିଲା । ପରେ ଏହି ଅର୍ଥକୁ ମହିଳା ସ୍ଲିପର ସେଲ୍ ଗଠନରେ ବ୍ୟବହାର କରାଯାଉଥିଲା। ରାଜଧାନୀ ଦିଲ୍ଲୀରେ ଏହି ଧର୍ମାନ୍ତରୀକରଣ ସିଣ୍ଡିକେଟର ଏକ ହ୍ୱାଟ୍ସଆପ୍ ଶାଖା ରହିଛି। ଏହାର ସଦସ୍ୟମାନେ ଗରିବ ପୀଡ଼ିତା ଝିଅମାନଙ୍କୁ ଫସାଇ ଜିହାଦ ପାଇଁ ପ୍ରୋତ୍ସାହିତ କରୁଥିଲେ। ଆଉ ଏହି କାର୍ଯ୍ୟକୁ ସୂଚାରୂପେ ତୁଲାଉଥିଲେ ପାକିସ୍ତାନର ଦୁଇ ୟୁଟୁବର ତନବୀର ଅହମ୍ମଦ ଏବଂ ସାହିଲ ଆଦବୀ। ଏମାନେ ଝିଅମାନଙ୍କୁ ଇସଲାମ୍ ଧର୍ମ ଗ୍ରହଣ ପାଇଁ ଅନଲାଇନ୍ ତାଲିମ୍ ଦେଉଥିଲେ। ଭାରତରେ ଆଇଏସଆଇର ଏଜେଣ୍ଟ ସାଜିଥିଲା କାନାଡାରେ ରହୁଥିବା ମଧ୍ୟପ୍ରଦେଶ ଗାନ୍ଧିନଗରର ସୟଦ ଦାଉଦ। ଭାରତରେ ମହିଳା ସ୍ଲିପର ସେଲ୍ ଗଠନ କରି ଝିଅମାନଙ୍କୁ ଉପ-ସାଗରୀୟ ଦେଶଗୁଡ଼ିକୁ ଯୋଜନା ରଚିଥିଲା ଗୁଇନ୍ଦା ସଂସ୍ଥା ଆଇଏସଆଇ। ତେବେ ପାକିସ୍ତାନର ଏହି ଷଡ଼ଯନ୍ତ୍ରକୁ ଉତ୍ତର ପ୍ରଦେଶ ଏଟିଏସ ପର୍ଦ୍ଦାଫାଶ୍ କରି କାଶ୍ମୀରର ମାଷ୍ଟରମାଇଣ୍ଡ ହାରିସକୁ ଖୋଜୁଛି। ସେପଟେ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ଏହାକୁ ଆତଙ୍କବାଦ ଘଟଣା ସହିତ ଜଡ଼ିତ କରି ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

## ଏୟାର ଇଣ୍ଡିଆ ଦୁର୍ଘଟଣା

# ୮ ମାସର ପୁଅକୁ ବଞ୍ଚାଇଲେ ମା'




ନୂଆଦିଲ୍ଲୀ ୨୯।୭: ଜୁନ୍ ୧୨ରେ ଅହମ୍ମଦାବାଦରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ଅନେକ ପରିବାରକୁ ଛାରଖାର କରିଦେଇଥିଲା। ଉଡ଼ାଣର ମାତ୍ର କେଇ ସେକେଣ୍ଡ୍ ପରେ ବିମାନଟି ବିଜେ ମେଡିକାଲ କଲେଜ ହଷ୍ଟେଲ ଓ ରେସିଡେନ୍ସିଆଲ କ୍ୱାର୍ଟର୍ସ ଉପରେ ଖସିବାରୁ ଅକାଳରେ ଲିଭିଯାଇଥିଲା ଅନେକ ଜୀବନ ଦୀପ। ସେହି ଦୁର୍ଘଟଣା ସମୟର ଏକ ପ୍ରେରଣାପ୍ରଦ କାହାଣୀ ଏବେ ସାମ୍ନାକୁ ଆସିଛି। ବିମାନ ଦୁର୍ଘଟଣା ପରେ ମନୀଷା କଚ୍ଛାଡିୟା (୩୦) ନାମ୍ନୀ ଜଣେ ମହିଳା ନିଜର ୮ ମାସର ପୁଅ ଧ୍ୟାଂଶ ପାଇଁ ସାଜିଥିଲେ ସୁରକ୍ଷା କବଚ। ଚାରିଆଡ଼େ ପରିବ୍ୟାପ୍ତ ନିଆଁ ଓ ଧୂଆଁର ବଳୟକୁ ଖାତିର ନ କରି ପିଲାଟିକୁ ଛାତିରେ ଜାକି ଘରୁ ବାହାରକୁ ଆଣିବାରେ ସଫଳ ହୋଇଥିଲେ ସେ। ତାଙ୍କର ସେହି ସାହସିକ କାର୍ଯ୍ୟ ଯୋଗୁ ବର୍ତ୍ତିଯାଇଛି ଧ୍ୟାଂଶର ଜୀବନ। ଦୀର୍ଘଦିନ ଧରି ଚିକିତ୍ସିତ ହେବା ପରେ ଗତ ସପ୍ତାହରେ ଉଭୟ ମା' ଓ ପୁଅ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ମନୀଷାଙ୍କ ସ୍ୱାମୀ ଡାକ୍ତର କପିଲ କଚ୍ଛାଡ଼ିୟା ବିଜେ ମେଡିକାଲ କଲେଜର ୟୁରୋଲୋଜି ବିଭାଗରେ ରେସିଡେଣ୍ଟ୍ ଡାକ୍ତର ଭାବେ କାର୍ଯ୍ୟ କରନ୍ତି। ଜୁନ୍ ୧୨ରେ ଏୟାରଇଣ୍ଡିଆ ବିମାନ ଏଆଇ୧୭୧ ବିଜେ ମେଡିକାଲ କଲେଜ ହଷ୍ଟେଲ ଓ ରେସିଡେନ୍ସିଆଲ କ୍ୱାର୍ଟର୍ସ ଉପରେ ଖସିବା ସମୟରେ କପିଲ ଡ୍ୟୁଟିରେ ଥିଲେ। ମନୀଷା ଓ ଧ୍ୟାଂଶ କ୍ୱାର୍ଟର୍ସରେ ଥିଲେ। ମନୀଷାଙ୍କ ଅନୁସାରେ, ବିମାନଟି ପ୍ରଚଣ୍ଡ ଶବ୍ଦ କରି ଖସିବା ପରେ କିଛି ସମୟ ପାଇଁ ଚାରିଆଡ଼ ଅନ୍ଧାର ହୋଇଯାଇଥିଲା। ଘରେ ଅଚାନକ ନିଆଁ ଲାଗିଯାଇଥିଲା। ସେ କିଛି ବୁଝି ପାରିନଥିଲେ ମଧ ଶିଶୁପୁତ୍ରକୁ ଛାତିରେ ଜାକି ଘରୁ ବାହାରକୁ ଦୌଡିଥିଲେ। ବାହାରେ ନିଆଁ ଓ ପ୍ରବଳ ଧୂଆଁ ଯୋଗୁ କିଛି ଦେଖିବା ପ୍ରାୟତଃ ଅସମ୍ଭବ ଥିଲା। ତଥାପି ସେ ଜୀବନ ବିକଳରେ ଦୌଡି ଚାଲିଥିଲେ। ନିଆଁର ବଳୟ ଦେଇ ଯିବା ଯୋଗୁ ସେମାନଙ୍କ ଶରୀରର କିଛି ଅଂଶ ପୋଡିଯାଇଥିଲା। ସେହି ମୁହୂର୍ତ୍ତରେ ସେ ଆଉ ବଞ୍ଚିବେନି ବୋଲି ଭାବି ନେଇଥିଲେ। କିନ୍ତୁ ଅସହ୍ୟ ଯନ୍ତ୍ରଣା ମଧରେ ବି ଧ୍ୟାଂଶକୁ ବଞ୍ଚାଇବାର ଅଛି ବୋଲି ଭାବି ଦୌଡିଥିଲେ। ମନୀଷାଙ୍କ ହାତ ଓ ମୁହଁ ସମେତ ଶରୀରରେ ୨୫ ପ୍ରତିଶତ ପୋଡିଯାଇଥିଲା। କୁନି ଧ୍ୟାଂଶର ଅଧିକ କ୍ଷତି ହୋଇଥିଲା। ତା'ର ମୁହଁ, ଦୁଇ ହାତ, ପେଟ ଓ ଛାତି ସମେତ ୩୬ ପ୍ରତିଶତ ପୋଡିଯାଇଥିଲା। ପରବର୍ତ୍ତୀ ସମୟରେ କେଡି ହସ୍ପିଟାଲରେ ଚିକିତ୍ସା ପାଇଁ ସେମାନଙ୍କୁ ଭର୍ତ୍ତି କରାଯାଇଥିଲା। ବୟସ ଏତେ କମ୍ ହୋଇଥିବାରୁ ତା'ର ମାମଲା ଖୁବ୍ ଜଟିଳ ଥିବା ଡାକ୍ତର କହିଥିଲେ। ଧ୍ୟାଂଶକୁ ସେଠାରେ ପେଡିଆଟ୍ରିକ୍ ଆଇସିୟୁରେ ରଖାଯାଇଥିଲା। ପରେ ସେ ଭେଣ୍ଟିଲେଟରକୁ ସ୍ଥାନାନ୍ତରିତ ହୋଇଥିଲା। ଏହାପରେ ମନୀଷାଙ୍କ ଶରୀରରୁ ଚର୍ମ ନିଆଯାଇ ତା'ର ପୋଡ଼ା କ୍ଷତର ଚିକିତ୍ସାରେ ଲଗାଯାଇଥିଲା। ଶେଷରେ ମା'ର ମମତାର ବିଜୟ ହୋଇଛି। ଗତ ସପ୍ତାହରେ ମନୀଷା ଓ ଧ୍ୟାଂଶ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି।

# ଗୁରୁବାରଠୁ ପଞ୍ଚମ ଟେଷ୍ଟ

➲ ଦଳରେ ପରିବର୍ତ୍ତନ!
➲ ପେସ୍ ବିଭାଗ ସମ୍ଭାଳିପାରନ୍ତି ଆକାଶଦୀପ-ଅର୍ଶଦୀପ

**ମାଞ୍ଚେଷ୍ଟର, ୨୯।୭:** ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଟେଷ୍ଟ ସିରିଜର ୪ଟି ମ୍ୟାଚ୍ ଶେଷ ହୋଇଛି। ମାଞ୍ଚେଷ୍ଟରରେ ସିରିଜ ପରାଜୟ ଏଡ଼ାଇବା ପରେ ଭାରତୀୟ ଦଳ ସ୍ୱଦେଶ ଫେରିବା ପୂର୍ବରୁ ଆଉ ଥରେ ସବୁ ଶକ୍ତି ଖଟାଇ ବିଜୟ ପାଇଁ ପ୍ରତିଶ୍ରୁତିବଦ୍ଧ। କିନ୍ତୁ ୨୦ ଦିନର ଘମାଘୋଟ ଲଢ଼େଇ ପରେ ଦଳର ପ୍ରାୟ ସବୁ ଖେଳାଳି ଏବେ କ୍ଳାନ୍ତ। ଆଉ ମାତ୍ର ୨ଦିନ ମଧ୍ୟରେ ଶେଷ ଟେଷ୍ଟ ଆରମ୍ଭ ହେବ। ଖେଳାଳିଙ୍କୁ ବିଶ୍ରାମ ନେବାକୁ ସମୟ ମିଳିବ ନାହିଁ। ତେଣୁ ଏକାଦଶରେ ପରିବର୍ତ୍ତନ ହେବା ନିଶ୍ଚିତ। ଦଳର ସବୁ ପେସ୍ ବୋଲର ସମ୍ପୂର୍ଣ୍ଣ ଫିଟ୍ ଥିବା ଚତୁର୍ଥ ଟେଷ୍ଟ ପରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ସ୍ପଷ୍ଟ କରିସାରିଛନ୍ତି। ତଥାପି ବୋଲିଂ ବିଭାଗରେ ପରିବର୍ତ୍ତନ ହେବା ଏକ ପ୍ରକାର ନିଶ୍ଚିତ। ମାଞ୍ଚେଷ୍ଟରରେ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିବା ବୋଲିଂ ବାହିନୀରେ ଅତି କମ୍‌ରେ ୩ଟି କିମ୍ବା ୪ଟି ପରିବର୍ତ୍ତନ ହେବା ଆଶା କରାଯାଉଛି।




ଓଭାଲ୍ ଟେଷ୍ଟ ପାଇଁ ଏକ ସତେଜ ପେସ୍ ବୋଲିଂ ବିଭାଗ ପ୍ରସ୍ତୁତ କରିବାର ସମୟ ଆସିଛି। ଦୁଇ ଅଭିଜ୍ଞ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କ କାର୍ଯ୍ୟଭାର କମାଇବା ଭଳି ବୋଲର ପଞ୍ଚମ ଟେଷ୍ଟରେ ଖେଳିବା ଜରୁରି ବୋଲି ଟିମ୍ ମ୍ୟାନେଜମେଣ୍ଟ ଉପଲବ୍ଧି କରିସାରିଛି। ସର୍ଦ୍ଦୁଲ ଠାକୁର, ଅଂଶୁଲ କାମ୍ବୋଜ, ପ୍ରସିଦ୍ଧ କ୍ରିଷ୍ଣା ଆଦି ଫେଲ ମାରିସାରିଛନ୍ତି। କେବଳ ଆକାଶ ଦୀପ ଘାତକ ସାବ୍ୟସ୍ତ ହୋଇଥିଲେ ହେଁ ଫିଟ୍‌ନେସ୍ ଅଭାବରୁ ସେ ଚତୁର୍ଥ ଟେଷ୍ଟ ଖେଳି ନଥିଲେ। ଦଳରେ ଆଉ ଜଣେ ପେସ୍ ବୋଲର ଭାବେ ରହିଛନ୍ତି ଅର୍ଶଦୀପ ସିଂହ। ସେ ଏପର୍ଯ୍ୟନ୍ତ ଟେଷ୍ଟ ପଦାର୍ପଣ କରି ନାହାନ୍ତି। ଚତୁର୍ଥ ଟେଷ୍ଟ ପୂର୍ବରୁ ସେ ଆହତ ହୋଇଥିଲେ ହେଁ ବର୍ତ୍ତମାନ ଫିଟ୍ ହୋଇ ସାରଛନ୍ତି। ପଞ୍ଚମ ଟେଷ୍ଟରୁ ସର୍ଦ୍ଦୁଲ ଓ କାମ୍ବୋଜଙ୍କୁ ବାଦ ଦିଆଯିବା ନିଶ୍ଚିତ। ଏହି ୨ଟି ସ୍ଥାନ ପାଇଁ ୩ଜଣ ଦାବିଦାର ରହିଛନ୍ତି। ତେବେ ପଞ୍ଚମ ଟେଷ୍ଟ ପାଇଁ ପ୍ରସ୍ତୁତ ପିଚ୍ ଦେଖିବା ପରେ ସବୁ ନିଷ୍ପତ୍ତି ନିଆଯିବ। ଭାରତ ଏଥର ବୋଲିଂ ବିଭାଗକୁ ସୁଦୃଢ଼ କରିବା ଜରୁରି। ତେଣୁ ୩ପେସ୍‌ର ଓ ୩ ସ୍ପିନର ନେଇ ଖେଳିବା ଆଶା କରାଯାଉଛି। ସର୍ଦ୍ଦୁଲଙ୍କ ସ୍ଥାନରେ କୁଲଦୀପ ଯାଦବଙ୍କୁ ସୁଯୋଗ ମିଳିପାରେ।

କାମ୍ବୋଜଙ୍କ ସ୍ଥାନରେ ଆକାଶ ଦୀପ ଏକାଦଶକୁ ଫେରିବା ନିଶ୍ଚିତ। ବାକି ରହିବ ବୁମରାଙ୍କ ସ୍ଥାନ। ବୁମରା ଚଳିତ ସିରିଜରେ ୩ଟି ଟେଷ୍ଟ ଖେଳି ସାରିଲେଣି। ତେଣୁ ତାଙ୍କୁ ବିଶ୍ରାମ ଦେବାର ସମୟ ଆସିଛି। ସିରିଜ ପରାଜୟ ଏଡ଼ାଇବାର ସୁଯୋଗ ଉଜ୍ଜୀବିତ ରହିଥିବାରୁ ବୁମରାଙ୍କୁ ଶେଷ ଟେଷ୍ଟରେ ଖେଳାଯାଇପାରେ। ତଥାପି ଯାହା ଆଶା କରାଯାଉଛି, ବୁମରା ଓ ସିରାଜଙ୍କ ମଧ୍ୟରୁ ଜଣଙ୍କୁ ବିଶ୍ରାମ ମିଳିବ ଓ ଏହି ସ୍ଥାନରେ ଅର୍ଶଦୀପ ପଦାର୍ପଣ କରିବେ। ରିଷଭ ପନ୍ତ ଆହତ ହୋଇ ଶେଷ ଟେଷ୍ଟରୁ ବାଦ ପଡ଼ିଛନ୍ତି। ତେଣୁ ତାଙ୍କ ସ୍ଥାନରେ ଧ୍ରୁବ ଜୁରେଲ ଓଭାଲ ଟେଷ୍ଟ ଖେଳିବା ନିଶ୍ଚିତ। ମାତ୍ର ତାଙ୍କ ବ୍ୟାଟିଂ ସ୍ଥାନକୁ ନେଇ ଡ୍ରେସିଂ ରୁମ୍‌ରେ ଜୋରଦାର ଆଲୋଚନା ହେବ। ଚତୁର୍ଥ ଟେଷ୍ଟର ଦ୍ୱିତୀୟ ଇନିଂସରେ ୱାସିଂଟନ ସୁନ୍ଦର ୫ ଓ ରବିନ୍ଦ୍ର ଜାଡ଼େଜା ୬ନଂ ସ୍ଥାନରେ ବ୍ୟାଟିଂ କରି ଶତକ ଅର୍ଜନ କରିଥିଲେ। ସୁନ୍ଦର ନୂଆ ଦାୟିତ୍ୱରେ ସଫଳ ହୋଇଛନ୍ତି। ତେଣୁ ତାଙ୍କ ବ୍ୟାଟିଂ ସ୍ଥାନକୁ ପରିବର୍ତ୍ତନ କରିବା ସମ୍ଭାବନା ନାହିଁ। ସୁନ୍ଦର ଓ ଜାଡ଼େଜାଙ୍କ ବ୍ୟାଟିଂ କ୍ରମ ଅପରିବର୍ତ୍ତିତ ରହିଲେ ଜୁରେଲ ୭ନଂ ସ୍ଥାନରେ ବ୍ୟାଟିଂ କରିବେ।

## ପ୍ରବୋଧ ମହାନ୍ତି ପ୍ରଥମ ଓଡ଼ିଆ ଆଇଟିଓ



କଟକ, ୨୮/୭ (ଇମିସ): ଓଡ଼ିଶା କ୍ରୀଡ଼ାର ଟେକ୍ନିକାଲ ଅଫିସିଆଲ୍ ଭାବେ ଜଣାଶୁଣା ପ୍ରବୋଧ କୁମାର ମହାନ୍ତି ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ୍ (ଆଇଟିଓ) ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଆନ୍ତର୍ଜାତିକସ୍ତରରେ ଏଭଳି ମାନ୍ୟତା ପାଇବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ। ଶ୍ରୀ ମହାନ୍ତି ସଫଳତାର ସହ ୱାର୍ଲଡ୍ ଆଥ୍‌ଲେଟିକ୍ ରେଫରି ବ୍ରୋଞ୍ଜ୍ ଲେବଲ୍ ଉତ୍ତୀର୍ଣ୍ଣ ହେବା ପରେ ଏହି ମାନ୍ୟତା ଲାଭ କରିଛନ୍ତି।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ: ଭାରତୀୟ ଦଳରେ ଓଡ଼ିଶାରୁ ୧ ପୁଅ, ୬ ଝିଅ

ଭୁବନେଶ୍ୱର, ୨୮/୭ (ଇମିସ): ଆସନ୍ତା ମାସ ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ଗୁଜରାଟରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଲାଗି ଭାରତୀୟ ଦଳ ଘୋଷିତ ହୋଇଛି। ଏହି ଦଳରେ ଓଡ଼ିଶାରୁ ଜଣେ ପୁରୁଷଙ୍କ ସହ ୭ ଜଣ ସ୍ଥାନ ପାଇଛନ୍ତି। ଏକମାତ୍ର ପୁରୁଷ ଖେଳାଳି ଜଣକ ହେଲେ ହୃଦାନନ୍ଦ ଦାସ (କନିଷ୍ଠ ୮୮ କେଜି)। ମହିଳାରେ ରହିଛନ୍ତି ଯୁବ ବର୍ଗରେ ପ୍ରୀତିସ୍ମିତା ଭୋଇ (୪୪ କେଜି), ଟିକି ମୋହିନୀ ମଲ୍ଲିକ (୬୩ କେଜି), କନିଷ୍ଠରେ ବିଦୁସ୍ମିତା ଭୋଇ (୬୩ କେଜି), ମୀନା ସାନ୍ତା (୫୮ କେଜି), ବରିଷ୍ଠରେ ରିମା ଭୋଇ (୫୮ କେଜି), ସ୍ନେହା ସୋରେନ୍ (୫୩ କେଜି)। ଟିକି ଓ ମୀନା କିସ୍ ବିଶ୍ୱବିଦ୍ୟାଳୟର +୩ ପ୍ରଥମ ବର୍ଷ ଛାତ୍ରୀ। ଦଳରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଏବଂ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

## ଉଦ୍‌ଭାସଙ୍କ ଚମତ୍କାର ପ୍ରତ୍ୟାବର୍ତ୍ତନ




ଭୁବନେଶ୍ୱର, ୨୯।୭ (ସଂଚାର ବ୍ୟୁରୋ): ସାଲିଆସାହିସ୍ଥିତ ଦ ଭିଣ୍ଟେଜ୍ କ୍ଲବ୍‌ଠାରେ ଚାଲିଥିବା ଦ୍ୱିତୀୟ ଗ୍ରିନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ୍ ୧୦ରେଡ୍ ସ୍ନୁକର ପ୍ରତିଯୋଗିତାର ମୁଖ୍ୟ 'ଡ୍ର'ର ଗ୍ରୁପ୍ ମ୍ୟାଚ୍ ସୋମବାରଠୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଉଦ୍‌ଭାସ ମହାପାତ୍ର ଓ ଚେତନ ଆନନ୍ଦଙ୍କ ମଧ୍ୟରେ ଖେଳାଯାଇଥିବା ଶେଷ ମ୍ୟାଚ୍ କଡ଼ା ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏକଦା ୧-୨ରେ ପଛରେ ଥିବା ଉଦ୍‌ଭାସ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୩-୨ରେ ବିଜୟୀ ହୋଇଥିଲେ। ଚିରାଗ ଆରୋରା ୩-୦ରେ ରାହୁଲ ହାଲିଙ୍କୁ ଓ ୩-୧ରେ ଅମିତ ସିଂହଙ୍କୁ, ରାକେଶ ରୋଶନ ପ୍ରଧାନ ୩-୦ରେ ଅମିୟ ରଞ୍ଜନ ନାୟକଙ୍କୁ ଓ ୩-୦ରେ ଅଲ୍‌ତାଫ୍ ଅଲୀଙ୍କୁ, ସୁବ୍ରତ ଦାସ ୩-୨ରେ ଜାକିର ଅଲୀ ଖାନ୍‌ଙ୍କୁ ଓ ୩-୧ରେ ନିଶ୍ଚୟ ମିଶ୍ରଙ୍କୁ ହରାଇ ଯୁଗଳ ବିଜୟ ପାଇଛନ୍ତି। ଅନ୍ୟମ୍ୟାଚ୍‌ଗୁଡ଼ିକରେ ସତ୍ୟଦୀପ ଦାସ ୩-୨ରେ ବରୁଣ ପୂର୍ବଙ୍କୁ, ଆକ୍ରମ ଖାନ ୩-୦ରେ ପି ଗୋବିନ୍ଦ ରାଓଙ୍କୁ, ଅଭିନାଶ ମହାପାତ୍ର ୩-୧ରେ ଜାକିର ଅଲୀଙ୍କୁ, ସୁଦୀପ୍ତ ଦାଶ ୩-୦ରେ ଜ୍ଞାନରଞ୍ଜନ ଶତପଥୀଙ୍କୁ, କୁନାଲ ଅଗ୍ରୱାଲ ୩-୨ରେ ଶାରଦା ବେହେରାଙ୍କୁ, ଜ୍ଞାନ ଦାସ ୩-୧ରେ ପି ଗୋବିନ୍ଦ ରାଓଙ୍କୁ, ନିଶି ପ୍ରକାଶ ଦାସ ୩-୧ରେ ଜିତେନ ଷଡ଼ଙ୍ଗୀଙ୍କୁ, ଆକାଶ ମହାପାତ୍ର ୩-୨ରେ ଆକ୍ରମ ଖାନଙ୍କୁ ଏବଂ ଚେତନ ଆନନ୍ଦ ୩-୦ରେ ପ୍ରକାଶ ସାହୁଙ୍କୁ ପରାସ୍ତ କରିଥିଲେ।

# ବୁମରା ଖେଳିବା ନେଇ ସସପେନ୍ସ, ପନ୍ତଙ୍କ ସ୍ଥାନରେ ଜୁରେଲ

### ଓଭାଲ ଟେଷ୍ଟ ପୂର୍ବରୁ ଚିନ୍ତାରେ ଭାରତ

**ନୂଆଦିଲ୍ଲୀ, ୨୯।୭:** ଗୁରୁବାରଠୁ ଆରମ୍ଭ ହେଉଛି ଆଣ୍ଡରସନ୍- ତେନ୍ଦୁଲକର ଟେଷ୍ଟ ସିରିଜର ଅନ୍ତିମ ମ୍ୟାଚ୍ । ଦୁଇ ଦଳ ପାଇଁ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ, ଇଂଲଣ୍ଡ ଓଭାଲରେ ଖେଳାଯିବାକୁ ଥିବା ଟେଷ୍ଟରେ ବିଜୟ ଲାଭ କଲେ ସିରିଜ ବିଜୟ ଲାଭ କରିବ କିନ୍ତୁ ଯଦି ଭାରତ ଜିତିବ ତେବେ ସିରିଜ ଡ୍ରରେ ଶେଷ ହେବ। ଏହା ଭିତରେ ଟିମ ଇଣ୍ଡିଆ ପାଇଁ ୱିକେଟ୍ କିପର ଚିନ୍ତା, ଜୁରେଲ ଖେଳିବେ ନା ଡକରା ପାଇ ଥିବା ଜଗଦୀଶନଙ୍କୁ ସୁଯୋଗ ମିଳିବ ଭାରତ ଓ ଇଂଲଣ୍ଡ ମଧ୍ୟରେ ଜୁଲାଇ ୩୧ରୁ ଓଭାଲରେ ଆରମ୍ଭ ହେବାକୁ ଥିବା ପଞ୍ଚମ ଟେଷ୍ଟ ମ୍ୟାଚରେ ଉଇକେଟ୍ କିପର୍ କିଏ ହେବେ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଋଷଭ ପନ୍ତଙ୍କର ପାଦରେ ଆଘାତ ଲାଗିବା ପରେ ତାଙ୍କ ସ୍ଥାନରେ ନାରାୟଣ ଜଗଦୀଶନଙ୍କୁ ଦଳରେ ସାମିଲ କରାଯାଇଛି । କିନ୍ତୁ ଧ୍ରୁବ ଜୁରେଲଙ୍କୁ ମୁଖ୍ୟ ୱିକେଟ୍ କିପର୍ ଭାବେ ବିବେଚନା କରାଯାଉଛି। ଜୁରେଲଙ୍କ ପାଖରେ ଅନ୍ତର୍ଜାତୀୟ କ୍ରିକେଟରେ ଅଭିଜ୍ଞତା ଅଛି। ଜୁରେଲ ୪ଟି ଟେଷ୍ଟ ଖେଳି ୧୬୧ ରନ୍ କରିଛନ୍ତି, ଯେଉଁଥିରେ ରାଞ୍ଚି ଟେଷ୍ଟରେ ୯୦ ରନ୍‌ର ଏକ ଦମଦାର ପାରି ରହିଛି । ବ୍ୟାଟିଂ ହାର ୫୫.୧୭ ଓ ଉଇକେଟ୍ କିପିଂରେ ମଧ୍ୟ ଭଲ ରହିଛି । ଅନ୍ୟପଟେ, ଜଗଦୀଶନ ଘରୋଇ କ୍ରିକେଟ୍‌ରେ ଅଧିକ ଅଭିଜ୍ଞ । ଜଗଦୀଶନ ୫୨ଟି ମ୍ୟାଚ୍‌ରେ ୩,୩୭୩ ରନ୍ କରିଛନ୍ତି, ଯେଉଁଥିରେ ୧୦ଟି ଶତକ ଓ ୧୪ଟି ଅର୍ଦ୍ଧଶତକ ରହିଛି । ୨୦୨୩-୨୪ ରଣଜୀ ଟ୍ରଫିରେ ଜଗଦୀଶନ ୮୧୬ ରନ୍ ଓ ୨୦୨୪-୨୫ରେ ୬୭୪ ରନ୍ କରିଥିଲେ । ଜୁରେଲଙ୍କ ଅନ୍ତର୍ଜାତୀୟ ଅଭିଜ୍ଞତା ଓ ଓଭାଲରେ ପୂର୍ବରୁ ଉଇକେଟ୍ କିପିଂ କରିଥିବା ଅନୁଭବ ତାଙ୍କୁ ଆଗରେ ରଖୁଛି । ତେବେ ଜଗଦୀଶନଙ୍କର ଘରୋଇ କ୍ରିକେଟରେ ସ୍ଥିରତା ତାଙ୍କୁ ବ୍ୟାକଅପ୍ ଭାବେ ଗୁରୁତ୍ୱପୂର୍ଣ୍ଣ କରୁଛି । କିନ୍ତୁ ଦଳ ୱିକେଟ କିପିଂ ସହ ବ୍ୟାଟିଂରେ ମଧ୍ୟ ରନ୍ କରିପାରୁଥିବା ଖେଳାଳିଙ୍କୁ ଅନ୍ତିମ ଟେଷ୍ଟରେ ଖେଳାଇବାକୁ ଚାହିବ । ଓଭାଲ ଟେଷ୍ଟରେ କିଏ ଦଳରେ ସ୍ଥାନ ପାଇବେ, ତାହା ଦେଖିବା ରୋଚକ ହେବ ।



# ଇଂଲଣ୍ଡର 'ହୀନମନ୍ୟତା'କୁ ନିନ୍ଦା

ମାଞ୍ଚେଷ୍ଟର୍, ୨୮/୭: 'ଏହା କୌଣସି ଗୌରବ ନଥିଲା, ପରିସଂଖ୍ୟାନର କଥା ବି ନୁହେଁ, ଆମେ ଏଭଳି ଫଳାଫଳ ପାଇଁ ବି ଆସିନାହୁଁ, କିନ୍ତୁ ଆମେ ବାସ୍ତବ ଲଢ଼େଇ ଶେଷ ନ ହେବା ଯାଏ ପଳାୟନ କରିବାକୁ ବି ଆସିନାହୁଁ' ଏଭଳି କିଛି କଥା କହି ଭାରତୀୟ ଦଳ ଉପଅଧିନାୟକ ଋଷଭ ପନ୍ତ ଭାରତୀୟ ଦଳର ମାନସିକତାକୁ ପରିପ୍ରକାଶ କରିଛନ୍ତି। ଓଲ୍ଡ ଟ୍ରାଫୋର୍ଡ ଟେଷ୍ଟରେ ପରାଜୟ ମୁହଁରୁ ଫେରି ଭାରତ ଲଢୁଆ ଡ୍ର' କରିବା ପରେ ପନ୍ତଙ୍କ ଏହି କଥା ଇଂଲଣ୍ଡର ଏକ ହୀନମନ୍ୟତା ଆଭିମୁଖ୍ୟ ଉଦ୍ଦେଶ୍ୟରେ ଆଉ ଏକ ମୁହଁତୋଡ଼ ଜବାବ ହୋଇଛି। ଭାରତ ସୁରକ୍ଷିତ ହେବା ଦିଗରେ ଅଗ୍ରସର ହେବା ଦେଖି ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ରବିବାର ଭାରତକୁ ଆଗୁଆ ଡ୍ର' ଅଫର୍ ଦେଇଥିଲେ। ଯାହାକୁ ରବୀନ୍ଦ୍ର ଜାଡ଼େଜା ରୋକ୍‌ଠୋକ୍ ମନା କରି ଦେଇଥିଲେ। ପଡ଼ିଆ ଭିତରେ ଏଭଳି ଆଚରଣ ବେଶ୍ ଭ୍ରୁକୁଞ୍ଚନ ସୃଷ୍ଟି କରିଥିଲେ ବି ଇଂଲଣ୍ଡ ଖେଳାଳିଙ୍କ ହୀନ ଆଭିମୁଖ୍ୟ ପଦାରେ ପଡ଼ିଛି। ଭାରତ ଏକ ଚମତ୍କାର ଡ୍ର' କରିବା ପରେ ଶୃଙ୍ଖଳାକୁ ଜୀବନ୍ତ ରଖିଥିବାରୁ ଇଂଲଣ୍ଡ ବ୍ୟର୍ଥତା ଭିତରେ ଜର୍ଜରିତ ହୋଇପଡ଼ିଥିବା ବି ବିଶ୍ୱାସ କରାଯାଉଛି। ବେନ୍ ଷ୍ଟୋକ୍ସ ଡ୍ର' ଅଫର ଦେବା ବେଳକୁ ଜାଡ଼େଜା ୮୯* ଏବଂ ୱାସିଂଟନ୍ ସୁନ୍ଦର ୮୦* ରନ୍‌ରେ ବ୍ୟାଟିଂ କରୁଥିଲେ। ଉଭୟଙ୍କୁ କେବଳ ଶତକରୁ ବଞ୍ଚିତ ରଖିବା ଲାଗି ଜାଡ଼େଜାଙ୍କୁ ଷ୍ଟୋକ୍ସ, ଡକେଟ୍ ଓ କ୍ରଲି ଘେରିଯାଇଥିଲେ। ଉଭୟ ଜାଡ଼େଜା ଓ ସୁନ୍ଦର କୌଣସି ବ୍ୟସ୍ତତା ନ ଦେଖାଇ ଶତକ ଆଡ଼କୁ ଅଗ୍ରସର ହେଉଥିଲେ। ଏଥିରେ ବିବ୍ରତ ହୋଇ ଷ୍ଟୋକ୍ସ ପ୍ରଶ୍ନ କରିଥିଲେ, ଶତକ ପାଇଁ ଆଉ କେତେ ସମୟ ନେବେ? କ'ଣ ହ୍ୟାରି ବ୍ରୁକ୍ (ବ୍ୟାଟର୍)ଙ୍କ ବିପକ୍ଷରେ ଶତକ ହାସଲ କରିବାକୁ ଚାହୁଁଛନ୍ତି? ଏଭଳି ତାଚ୍ଛଲ୍ୟରେ ଜାଡ଼େଜା କି ସୁନ୍ଦର ପ୍ରଭାବିତ ହୋଇ ନଥିଲେ। ଉଭୟ ମଧ୍ୟାହ୍ନ ଭୋଜନ ପରବର୍ତ୍ତୀ ୨ ଅଧିବେଶନରେ ୱିକେଟ୍ ନ ହରାଇ ଘରୋଇ ବୋଲରଙ୍କୁ ହତାଶାବୋଧ ଭିତରକୁ ଠେଲି ଦେଇଥିଲେ। ନିଜ ନିଜ ଶତକ ହାସଲ ପରେ ହିଁ ଏହି ଟେଷ୍ଟରେ ଏକମାତ୍ର ବିକଳ୍ପ ଫଳାଫଳ ଥିବା ଡ୍ର' ପାଇଁ ରାଜି ହୋଇଥିଲେ। ତେବେ ଇଂଲଣ୍ଡର ଆଭିମୁଖ୍ୟ ଏବେ ଚର୍ଚ୍ଚାରେ ରହିଛି ଏବଂ ଇଂଲଣ୍ଡକୁ ବହୁ ପୂର୍ବତନ କ୍ରିକେଟର୍, ପ୍ରଶଂସକ, ପ୍ରଶାସକ ପ୍ରମୁଖ କଡ଼ା ସମାଲୋଚନା କରିଛନ୍ତି।

ଓଲ୍ଡ ଟ୍ରାଫୋର୍ଡରେ ଭାରତ ସମ୍ମୁଖରେ ଆସିଥିବା ପ୍ରତିଟି ଆହ୍ୱାନର ଆଉଁସକୁ ଭାରତୀୟ ଖେଳାଳି ଉଚିତ ମୁକାବିଲା କରିଥିଲେ। ଭାରତ ପ୍ରଥମ ପାଳିରେ ଭଙ୍ଗା ପାଦରେ ଋଷଭ ପନ୍ତଙ୍କ ବ୍ୟାଟିଂ ଏବଂ ଦ୍ୱିତୀୟ ପାଳିରେ ଭାରତ ୨ ୱିକେଟ୍ ହରାଇବା ପରେ ୩୧୧ ରନ୍ ପଛୁଆକୁ କାଟି ୧୧୪ ରନ୍ ଅଗ୍ରଣୀ ନେବା (୪୨୫/୪) ମ୍ୟାଚ୍‌କୁ ଯେ କେବଳ ଡ୍ର' କରିଥିଲା ତା ନୁହେଁ ଭାରତୀୟ ଖେଳାଳିଙ୍କ ଲଢୁଆ ପ୍ରବୃତ୍ତିକୁ ଦେଖାଇ ଦେଇଥିଲା। ମ୍ୟାଚ୍ ଶେଷ ହେବା ପରେ ଅଧିନାୟକ ଗିଲ୍ ଏକ ଫଟୋକୁ ଇନ୍‌ଷ୍ଟାଗ୍ରାମରେ ପକାଇ ଶୀର୍ଷରେ ଲେଖିଥିଲେ 'କ୍ଲଚ୍'। ରାହୁଲ-ଗିଲ ତୃତୀୟ ୱିକେଟ୍ ପାଇଁ ୧୮୮ ରନ୍ ଏବଂ ଜାଡ଼େଜା-ସୁନ୍ଦର ଅତୁଟ ପଞ୍ଚମ ୱିକେଟ୍ ପାଇଁ ୨୦୩* ରନ୍ ଯୋଡ଼ିବା ଏବଂ ଏହି ୪ ଜଣ ଇଂଲଣ୍ଡକୁ ୪ଟି ଅଧିବେଶନରେ ଆଦୌ ୱିକେଟ୍ ନଦେବା ବି ନିର୍ଣ୍ଣାୟକ ହୋଇଥିଲା। ୨୩୦ ବଲ୍‌ରୁ ୯୦* ରନ୍ କରିଥିବା ରାହୁଲ ଲେଖିଥିଲେ '୫ ଦିନର କଠୋର ଲଢ଼େଇ, ଏବେ ଶେଷ ଉପରେ ନଜର'। ନିଜ ପ୍ରଥମ ଟେଷ୍ଟ୍ ଶତକ ହାସଲ କରିଥିବା ସୁନ୍ଦର ଲେଖିଛନ୍ତି 'ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି, ଈଶ୍ୱରଙ୍କ ନିକଟରେ ମୁଁ ଚିର ଋଣୀ'।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଶ୍ୱ ଦେଲା...

ବିଜୟ ଉତ୍ସବକୁ ଅନୁଭବ କରୁଛନ୍ତି। ଯେଉଁମାନଙ୍କୁ ଭାରତର ଆଭିମୁଖ୍ୟ ଦେଖାଯାଉନି, ସେମାନଙ୍କୁ ଆଇନା ଦେଖାଇବା ପାଇଁ ସେ ଠିଆ ହୋଇଛନ୍ତି। ଭାରତର କଡ଼ା ଜବାବ ଯୋଗୁଁ ପାକିସ୍ତାନ ସିନ୍ଦୂରରୁ ସିନ୍ଧୁ ଜଳ ଚୁକ୍ତି ପର୍ଯ୍ୟନ୍ତ ପରିଣାମ ଭୋଗିଛି। ପହଲଗାମ୍‌ରେ ହୋଇଥିବା ଆତଙ୍କୀ ହମ୍‌ଲା ଦେଶରେ ଦଙ୍ଗା ସୃଷ୍ଟି ପାଇଁ ଷଡଯନ୍ତ୍ର ଥିଲା। କିନ୍ତୁ ଦେଶବାସୀ ଏହାକୁ ବିଫଳ କରିଦେଲେ। ୨୨ ଏପ୍ରିଲ୍‌ରେ ଘଟିଥିବା ନରସଂହାରର ଜବାବ ୨୨ ମିନିଟ୍‌ରେ ଦେଲୁ। ଏହି ଅପରେସନ୍ ପାଇଁ ସେନାକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା। କାରଣସେନାର କ୍ଷମତା ଓ ସାମର୍ଥ୍ୟ ଉପରେ ଆମର ପୂରା ଭରସା ଥିଲା। ଭାରତୀୟ ସେନାର ଲକ୍ଷ୍ୟଭେଦୀ ଆକ୍ରମଣ ଯୋଗୁଁ ଏବେ ବି ପାକିସ୍ତାନର ବହୁ ଏୟାରବେସ୍ ଆଇସିୟୁରେ। ବର୍ତ୍ତମାନ ଟେକ୍‌ନୋଲୋଜିର ଯୁଗ ହୋଇଥିବାରୁ ଭାରତ ମଧ୍ୟ ସାମରିକ କ୍ଷେତ୍ରରେ ଏହାର ସଠିକ୍ ଉପଯୋଗ କରିଛି। 'ମେଡ ଇନ୍ ଇଣ୍ଡିଆ' ମିସାଇଲ ଓ ଟେକ୍ନୋଲୋଜି 'ଅପରେସନ୍ ସିନ୍ଦୂର' ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହାର ଫଳସ୍ୱରୂପ ଆଜି ବି ଆତଙ୍କୀ ଆକାଙ୍କ ଆଖିକୁ ନିଦ ଆସୁନି। ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ପାକିସ୍ତାନକୁ ଜାତିସଂଘର ୧୯୩ ଦେଶ ମଧ୍ୟରୁ କେବଳ ୩ଟି ଦେଶ ସମର୍ଥନ କରିଥିଲେ। ସେହିପରି କ୍ୱାଡ ଓ ବ୍ରିକ୍ସରେ ଭାରତକୁ ଭରପୂର ସମର୍ଥନ ମିଳିଛି। କିନ୍ତୁ କିନ୍ତୁ ଦୁର୍ଭାଗ୍ୟର କଥା ଦେଶର ବୀରଙ୍କ ପରାକ୍ରମକୁ କଂଗ୍ରେସର ସମର୍ଥନ ମିଳିନାହିଁ। କାରଣ ଦେଶର ସେନାବାହିନୀ ଉପରେ ଦଳର ଭରସା ନାହିଁ। କଂଗ୍ରେସର ଏପରି ଆଚରଣ କେବଳ ଦେଶ ଓ ସେନାର ମନୋବଳ ଭାଙ୍ଗୁଛି। ପହଲଗାମ୍ ଆକ୍ରମଣରେ ରାଜନୀତି କରି କଂଗ୍ରେସ କେବଳ ଚର୍ଚ୍ଚାକୁ ଆସିପାରିବ। କିନ୍ତୁ ଦେଶବାସୀଙ୍କ ହୃଦୟରେ ରହିପାରିବ ନାହିଁ ବୋଲି ମୋଦି କହିଛନ୍ତି।

ଏହି ଅବସରରେ ମୋଦି ଗତକାଲି ଅପରେସନ୍ ମହାଦେବରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମାଷ୍ଟରମାଇଣ୍ଡ ନିହତ ହେବା କଥା ମଧ୍ୟ ଉପସ୍ଥାପନ କରିଥିଲେ। ସେହିପରି କଂଗ୍ରେସ ସରକାର ଅମଳରେ ସେନାର ସ୍ଥିତି ସମ୍ପର୍କରେ ଉଲ୍ଲେଖ କରି ମୋଦି କହିଛନ୍ତି ଯେ କଂଗ୍ରେସ ସେନାକୁ ଆତ୍ମନିର୍ଭର କରିବା ନେଇ କଦାପି ଚିନ୍ତା କରିନାହିଁ। କଂଗ୍ରେସ ଅମଳରେ ସେନା ଅତ୍ୟାଧୁନିକ ହତିଆରଠାରୁ ଦୂରେଇ ରହିଥିଲା। କିନ୍ତୁ ୧୧ ବର୍ଷ ତଳେ ଦେଶବାସୀ ଆମକୁ କ୍ଷମତା ଦେବା ପରେ ସ୍ୱାଧୀନ ଭାରତରେ ପ୍ରଥମ ଥର ପାଇଁ ସେନାରେ ଯେପରି ପରିବର୍ତ୍ତନ ଆସିଛି, ତାହା ଐତିହାସିକ। କାରଣ ଆମେ ଚିଫ୍ ଅଫ୍ ଷ୍ଟାଫ୍ ନିଯୁକ୍ତି ଦେବା ସହ ତିନି ସେନାବାହିନୀକୁ ସଶକ୍ତ କରିବା ସହ ମନୋବଳ ମଧ୍ୟ ବଢ଼ାଇ ଆସିଛୁ। ଭାରତ ସବୁବେଳେ ସମୃଦ୍ଧି ଓ ଶାନ୍ତି ଚାହେଁ। କିନ୍ତୁ କଂଗ୍ରେସ ସବୁବେଳେ ଜାତୀୟ ସୁରକ୍ଷାକୁ ନେଇ ବୁଝାମଣା କରିଆସିଛି। ପିଓକେରେ ପାକିସ୍ତାନକୁ କବଜା କରିବାକୁ ସୁଯୋଗ ଦେଇଛି। ଯେତେବେଳେ ବି ନେହରୁଙ୍କ ଉପରେ ଚର୍ଚ୍ଚା ହୁଏ, ସେତେବେଳେ କଂଗ୍ରେସ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛି। ୨୬/୧୧ ଘଟଣା ପରେ ମଧ୍ୟ ବିଦେଶୀ ଚାପରେ କଂଗ୍ରେସ ପାକିସ୍ତାନ ପ୍ରତି ଥିବା ତା'ର ଦୁର୍ବଳତାରେ ପୂର୍ଣ୍ଣଚ୍ଛେଦ ପକାଇପାରିନଥିଲା। ଆକ୍ରମଣର କିଛି ଦିନ ପରେ କଂଗ୍ରେସ ସରକାର ପାକିସ୍ତାନ ସହ ଆଲୋଚନା ଆରମ୍ଭ କରିଥିଲା। କିନ୍ତୁ କଂଗ୍ରେସର ସାମାନ୍ୟ ବୁଦ୍ଧି ଥିଲେ ପିଓକେ ଆମ ପାଖରେ ଥାଆନ୍ତା। ଅପରେସନ୍ ସିନ୍ଦୁର ପରେ ଆମେ ସିନ୍ଧୁ ଜଳଚୁକ୍ତି ରଦ୍ଦ କରିଛୁ। ନେହରୁ ଯେଉଁ ଭୁଲ କରିଥିଲେ ତାକୁ ଆମେ ସୁଧାରିବାକୁ ଚେଷ୍ଟା କରିଛୁ। ଭାରତ ସିଧା ସିଧା କହିଦେଇଛି ରକ୍ତ ଏବଂ ପାଣି କେବେ ଏକାଠି ବୋହିପାରିବନି ବୋଲି ମୋଦି ତାଙ୍କ ଅଭିଭାଷଣରେ କହିଛନ୍ତି।

ମୋଦିଙ୍କ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସଂସଦରେ କଂଗ୍ରେସକୁ ଆକ୍ରମଣ କରିଥିଲେ। ସେ କହିଥିଲେ ଯେ ମୁଖ୍ୟ ବିରୋଧୀ ଦଳର ଏକ ଭୁଲ ନୀତି ଯୋଗୁଁ ପାକିସ୍ତାନ ସୃଷ୍ଟି ହୋଇଥିଲା। ସେହିପରି ବିରୋଧୀ ଦଳ ମୋଦି ସରକାରଙ୍କୁ ଇସଲାମାବାଦ ବିରୋଧରେ ସମ୍ପୂର୍ଣ୍ଣ ଯୁଦ୍ଧ ଆରମ୍ଭ ନ କରିବା ପାଇଁ ଟାର୍ଗେଟ କରୁଥିବା ଆଶ୍ଚର୍ଯ୍ୟର ବିଷୟ। ସମସ୍ତ ଆତଙ୍କବାଦର ମୂଳ ପାକିସ୍ତାନକୁ ଯାଇଛି। କଂଗ୍ରେସ ଦଳର ଭୁଲର ପରିଣାମ ହେଉଛି ପାକିସ୍ତାନ। ଯଦି ସେମାନେ ବିଭାଜନ ପ୍ରସ୍ତାବକୁ ଗ୍ରହଣ ନକରିଥାନ୍ତେ, ପାକିସ୍ତାନ କେବେ ଅସ୍ତିତ୍ୱକୁ ଆସିନଥାନ୍ତା। କଂଗ୍ରେସ ନେତା ଗୌରବ ଗୋଗୋଇ ସରକାର ପାକିସ୍ତାନ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ କାହିଁକି ବନ୍ଦ କଲେ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ପୁନରୁଦ୍ଧାର କରିବାରେ କାହିଁକି ଅଟକିଗଲେ ବୋଲି ପଚାରିଥିବା ପ୍ରଶ୍ନର ଜବାବରେ ଶ୍ରୀ ଶାହ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ସେହିପରି ସେ କଂଗ୍ରେସକୁ ପ୍ରଶ୍ନ ପଚାରିଥିଲେ ଯେ ପୋଟାକୁ ବିରୋଧ କରି ଦଳ କାହାକୁ ସୁରକ୍ଷା ଦେବାକୁ ଚାହୁଁଥିଲା? ମନମୋହନ ସିଂଙ୍କ ସରକାର କ୍ଷମତାକୁ ଆସିବା ମାତ୍ରେ ପ୍ରଥମ କ୍ୟାବିନେଟ ବୈଠକରେ ପୋଟାକୁ ରଦ୍ଦ କରାଗଲା। ଦେଶବାସୀ ଜାଣିବାକୁ ଚାହୁଁଛନ୍ତି, କଂଗ୍ରେସ ପୋଟା ରଦ୍ଦ କରି କାହାକୁ ଲାଭ ପହଞ୍ଚାଇଥିଲା? କିନ୍ତୁ ପହଲଗାମ୍ ପ୍ରସଙ୍ଗରେ କଂଗ୍ରେସ ମୋଦି ସରକାରଙ୍କୁ ପଚାରିଥିବା ପ୍ରଶ୍ନର ଉତ୍ତର ସେନାବାହିନୀ ଦେଇଛନ୍ତି। ସେହିପରି କ୍ଷମତାରେ କଂଗ୍ରେସ ଥିବା ସମୟରେ ଅନେକ ଆତଙ୍କବାଦୀ ଦେଶ ଛାଡ଼ି ବାହାରକୁ ଚାଲିଯିବାରେ ସକ୍ଷମ ହୋଇଥିବା କଥା ମଧ୍ୟ ଶ୍ରୀ ଶାହ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ଭଦ୍ରା ସେନାର ସାହସିକତାକୁ ସଲାମ କରିଥିଲେ ହେଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଗୃହମନ୍ତ୍ରୀ ଶ୍ରୀ ଶାହ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ପହଲଗାମ୍‌କୁ ନିୟମିତ ଭାବେ ହଜାର ହଜାର ପର୍ଯ୍ୟଟକ ଆସୁଥିଲେ ମଧ୍ୟ ସରକାର କେଉଁଥିପାଇଁ ସେଠାରେ ସୁରକ୍ଷା ବ୍ୟବସ୍ଥା କରିନଥିଲେ, ତାହା ସ୍ପଷ୍ଟ କରିବା ଦରକାର। କ'ଣ ପାଇଁ ସରକାର ପର୍ଯ୍ୟଟକମାନଙ୍କୁ ଭଗବାନଙ୍କ ଭରସାରେ ଛାଡ଼ିଦେଇଥିଲେ ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ଏହି ହମ୍‌ଲା କରିଥିବା ଟିଆର୍‌ଏଫ୍‌କୁ ଏକ ଆତଙ୍କୀ ସଂଗଠନ ଭାବେ ଘୋଷଣା କରିବା ସକାଶେ ସରକାରଙ୍କୁ କାହିଁକି ୩ ବର୍ଷରୁ ଅଧିକ ସମୟ ଲାଗିଲା ବୋଲି ମଧ୍ୟ ସେ ପ୍ରଶ୍ନ କରିଥିଲେ। ସେହିପରି କଂଗ୍ରେସ ସରକାର ସବୁବେଳେ ମାଟି ଓ ସେନାକୁ ଅଗ୍ରାଧିକାର ଦେଇଛି ବୋଲି ସ୍ପଷ୍ଟ କରିଥିଲେ। ଏଥିସହ ତାଙ୍କ ବାପା ରାଜୀବ ଗାନ୍ଧିଙ୍କୁ ଆତଙ୍କୀମାନେ ହତ୍ୟା କରିଥିବାରୁ ସେ ଉକ୍ତ କଷ୍ଟ ସ୍ୱୀକାର କରିଛନ୍ତି। ତେଣୁ ସେ ଆଜି ପହଲଗାମ୍ ପୀଡ଼ିତଙ୍କ କଷ୍ଟ ଓ ଯନ୍ତ୍ରଣାକୁ ଅନୁଭବ କରିପାରୁଛନ୍ତି ବୋଲି ପ୍ରିୟଙ୍କା କହିଛନ୍ତି।

## ପୂରଣ ହେବ...

କେନ୍ଦ୍ର, ରାଜ୍ୟ, ଜିଲ୍ଲା ଓ ନାଗରିକଙ୍କ ମଧ୍ୟରେ ସହଯୋଗ ଏବଂ କମ୍ପିଟିସନ୍ ଅର୍ଥାତ ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କରେ ଜିଲ୍ଲାଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଉପରେ ଗୁରୁତ୍ୱ ଦିଆଯାଇଛି। ଦୁର୍ଗମ ଓ ଅଳ୍ପ ବିକଶିତ ବ୍ଲକଗୁଡ଼ିକରେ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ସହ ସେମାନଙ୍କୁ ଗୁଣାତ୍ମକ ସେବା ମଧ୍ୟ ପ୍ରଦାନ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ 'ଭୋକାଲ୍ ଫର୍ ଲୋକାଲ୍' ଆହ୍ୱାନ ଆଜି ଜନଆନ୍ଦୋଳନରେ ପରିଣତ ହୋଇଛି। ଏହାକୁ ବାସ୍ତବ ରୂପ ଦେବା ନିମନ୍ତେ ଗତବର୍ଷ 'ଆକାଂକ୍ଷା ବ୍ରାଣ୍ଡ' ଆରମ୍ଭ ହୋଇଛି। ଏହି ଆକାଂକ୍ଷା ବ୍ରାଣ୍ଡକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଏକ ସପ୍ତାହବ୍ୟାପୀ ଆକାଂକ୍ଷା ହାଟ ଅଭିଯାନ ଆଜିଠାରୁ ଆରମ୍ଭ କରାଯାଉଛି। ଏହି ଅଭିଯାନ ଦ୍ୱାରା ରାଜ୍ୟର ଦୁର୍ଗମ ତଥା ଅନୁନ୍ନତ ଅଞ୍ଚଳରେ ସ୍ଥାନୀୟ ଉତ୍ପାଦିତ ସାମଗ୍ରୀଗୁଡ଼ିକର ବଜାର ସୁବିଧା ବଢ଼ିବ। ଏହା ମାଧ୍ୟମରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, କାରିଗର, ବୁଣାକାରମାନଙ୍କ ଆର୍ଥିକ ସ୍ଥିତି ଉନ୍ନତ ହେବା ସହ ଉପଭୋକ୍ତାମାନଙ୍କୁ ସ୍ଥାନୀୟ ଉତ୍ପାଦଗୁଡ଼ିକ ସୁଲଭ ଓ ସଠିକ ଦରରେ ମିଳିପାରିବ। ଆକାଂକ୍ଷା ହାଟ ଅନ୍ତର୍ଗତ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ରାଜ୍ୟ ତଥା ରାଜ୍ୟ ବାହାରେ ମାର୍କେଟିଂ ନିମନ୍ତେ ଡିଜିଟାଲ୍ ଇ-ମାର୍କେଟ୍‌ପ୍ଲେସ୍‌ରେ ମଧ୍ୟ ଉପଲବ୍ଧ କରାଯିବ। ଏହାଦ୍ୱାରା ଏହି ଉତ୍ପାଦଗୁଡ଼ିକର ବଜାର ସଂଯୋଗ ଓ ଉପଭୋକ୍ତା ସଂଖ୍ୟା ଯଥେଷ୍ଟ ବ୍ୟାପକ ହୋଇପାରିବ। ବଜାର ଚାହିଦା ଅନୁଯାୟୀ ଉତ୍ପାଦଗୁଡ଼ିକର ମାନକ, ମୂଲ୍ୟ ନିର୍ଦ୍ଧାରଣ ଓ ଉପଲବ୍ଧତା ବୃଦ୍ଧି ନିମନ୍ତେ ଆକାଂକ୍ଷା ବ୍ରାଣ୍ଡର ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମକୁ ଗତ ୨୦୧୮ ଜାନୁଆରୀରେ ଆରମ୍ଭ କରିଥିଲେ। ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ସଫଳତା ପରେ ଗତ ୨୦୨୩ ଜାନୁଆରୀରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା। ଓଡ଼ିଶାର ମଧ୍ୟ ୧୦ଟି ଜିଲ୍ଲାରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ (ଏଡିପି) ଓ ୧୬ଟି ଜିଲ୍ଲାର ୨୯ଟି ବ୍ଲକରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ (ଏବିପି) କାର୍ଯ୍ୟକାରୀ ହେଉଛି। ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନ ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ ସାରା ଦେଶର ଆକାଂକ୍ଷୀ ଜିଲ୍ଲା ଓ ବ୍ଲକରେ ଗତ ୨୦୨୪ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କାର୍ଯ୍ୟକାରୀ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍କର୍ଷ ପ୍ରଦର୍ଶନ ପାଇଁ ପୁରସ୍କୃତ ଜିଲ୍ଲା ଓ ବ୍ଲକର ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ରାଜ୍ୟ ନିମନ୍ତେ ଗୌରବର ବିଷୟ ଯେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ସମସ୍ତ ଆକାଂକ୍ଷୀ ଜିଲ୍ଲା କ୍ରମାଗତ ଭାବେ ବିଭିନ୍ନ କ୍ଷେତ୍ରରେ ଶୀର୍ଷ ସ୍ଥାନ ଅଧିକାର କରୁଛନ୍ତି। ରାଜ୍ୟର ଦଶଟି ଜିଲ୍ଲା ସାମୂହିକ ଭାବେ ୧୬୫ କୋଟି ଟଙ୍କା ପୁରସ୍କାର ପାଇବାରେ ସଫଳ ହୋଇଛନ୍ତି। ଯେଉଁ ଜିଲ୍ଲାଗୁଡିକ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି, ସେମାନେ ନିରାଶ ନ ହୋଇ ଆହୁରି ଅଧିକ ପରିଶ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସପିରେସନାଲ୍ ଜିଲ୍ଲା ଓ ବ୍ଲକ ପାଇଁ ପୁରସ୍କାର ଘୋଷଣା କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଆକାଂକ୍ଷୀ ଜିଲ୍ଲା ମଧ୍ୟରୁ ମାଲକାନଗିରି ଓ ନବରଙ୍ଗପୁର ସ୍ୱର୍ଣ୍ଣ, କନ୍ଧମାଳ ଓ କୋରାପୁଟ ରୌପ୍ୟ ଏବଂ ଢେଙ୍କାନାଳ, ଗଜପତି, କଳାହାଣ୍ଡି ଓ ନୂଆପଡ଼ା ବ୍ରୋଞ୍ଜ୍ ପଦକ ପାଇଛନ୍ତି। ସେହିପରି ବ୍ଲକ୍ ମଧ୍ୟରେ ଖୈରପୁଟ, ମାଥିଲି, ଚିତ୍ରକୋଣ୍ଡା ଓ ଡାବୁଗାଁ ବ୍ଲକ୍ ସ୍ୱର୍ଣ୍ଣ, ଅନ୍ୟ ୭ଟି ବ୍ଲକ ରୌପ୍ୟ ଓ ୩ଟି ବ୍ଲକ ବ୍ରୋଞ୍ଜ ଏବଂ ୧୧ଟି ବ୍ଲକ ତାମ୍ର ପଦକ ପାଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇଥିବା ବେଳେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ। ପରିଶେଷରେ ଯୋଜନା ଓ ସଂଯୋଜନା ବିଭାଗ ସ୍ୱତନ୍ତ୍ର ସଚିବ ଟି. ଆଓ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଆକାଂକ୍ଷୀ ଜିଲ୍ଲାର ଜିଲ୍ଲାପାଳ ଓ ବିଡିଓ ଉପସ୍ଥିତ ଥିଲେ।

## ରୁଷିଛନ୍ତି...

ମର୍ଙ୍ଗରାଜ, ସୁବାଶିଷ ଖୁଣ୍ଟିଆ ଓ ନିରଞ୍ଜନ ବିଶି ଯୋଗଦେଇଥିଲେ। ହେଲେ ଅନ୍ୟତମ ସାଂସଦ ଶ୍ରୀ ସାମନ୍ତରାୟଙ୍କୁ ଦେଖିବାକୁ ମିଳନଥିଲା। ସମସ୍ତ ୭ ଜଣ ସାଂସଦଙ୍କ ପାଇଁ ବିଜେଡିର ନୀଳ ରଙ୍ଗରେ ୭ଟି ପ୍ଲାକାର୍ଡ ପ୍ରସ୍ତୁତ ହୋଇଥିବା ବେଳେ ଶ୍ରୀ ବିଶି ଦୁଇଟି ପ୍ଲାକାର୍ଡ ଧରିଥିବା ଦେଖିବାକୁ ମିଳିଥିଲା।

ଦୀର୍ଘଦିନ ପରେ ବିଜେଡି ସାଂସଦମାନେ ସଂସଦ ଭବନ ପରିସରରେ ଏଭଳି ଧାରଣା ଦେଇଥିବା ବେଳେ ଦେବାଶିଷଙ୍କ ଅନୁପସ୍ଥିତି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଖୋଦ ବିଜେଡି କର୍ମୀମାନେ ଆଲୋଚନା କରୁଛନ୍ତି ଯେ ଦେବାଶିଷ ଏବେ ଦଳର ଅସନ୍ତୁଷ୍ଟଙ୍କ ତାଲିକାରେ। ଟୋକା ମାମଲତକାରଙ୍କ ସହିତ ତାଙ୍କର ପଟୁନାହିଁ। ନିକଟରେ ଦଳର ବରିଷ୍ଠ ନେତାମାନେ ଯେଉଁ ମେଳି ହୋଇଥିଲେ, ତାହାକୁ ଦେବାଶିଷଙ୍କର ନିରବ ସମର୍ଥନ ରହିଥିଲା। ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ସେ ଅତ୍ୟନ୍ତ ସାହସର ସହିତ ବିଜେଡି ମୁଖିଆଙ୍କୁ କହିବାକୁ ପଛାନ୍ତି ନାହିଁ। ୱାକଫ୍ ବିଲ୍ ପରଠାରୁ ଦେବାଶିଷ ଅସନ୍ତୁଷ୍ଟ ଥିବା ବେଳେ ଆଜି ତାଙ୍କ ଅନୁପସ୍ଥିତି ଭିନ୍ନ ଦୃଶ୍ୟ ଉପସ୍ଥାପନ କରିଛି। ରାଜ୍ୟସଭାରେ ବିଜେଡିର ୯ ଜଣ ସାଂସଦ ଥିବା ବେଳେ ମମତା ମହନ୍ତ ଓ ସୁଜିତ କୁମାର ଆଗପଛ ହୋଇ ଦଳ ଛାଡ଼ି ବିଜେପିରେ ଯୋଗ ଦେବା ପରେ ବିଜେଡିର ସଦସ୍ୟ ସଂଖ୍ୟା ୭କୁ ହ୍ରାସ ପାଇଛି। ଅବଶ୍ୟ ସୁଜିତ କୁମାର ଦଳ ଛାଡ଼ିବା ପରେ କାହା ପାଳି ପଡ଼ିବ ବୋଲି ଯେଉଁ ଚର୍ଚ୍ଚା ଚାଲିଥିଲା, ସେଥିରେ କିଛିଟା ବିରାମ ଲାଗିଛି। ବିଜେଡି ଏବେ ବିଜେପିଠାରୁ କେତେକ ପ୍ରସଙ୍ଗରେ ସମଦୂରତ୍ୱ ରଖୁଥିବା ବେଳେ ରାଜ୍ୟରେ ମୁକାବିଲା ସ୍ଥିତିରେ ରହିଛି। ଆଗକୁ ଉପରାଷ୍ଟ୍ରପତି ନିର୍ବାଚନ ଆସୁଥିବାରୁ ସମସ୍ତଙ୍କ ନଜର ଏବେ ବିଜେଡି ଉପରେ ରହିଛି। ଏଭଳି ସ୍ଥିତିରେ ମାତ୍ର କେତେ ସମୟ ପାଇଁ ଦଳର ସମସ୍ତ ସାଂସଦ ଗାନ୍ଧି ମୂର୍ତ୍ତି ତଳେ ଏକାଠି ହୋଇନପାରିବା ବିଜେଡି ରାଜନୀତିକୁ ସରଗରମ କରିଛି। ଦେବାଶିଷ କାହିଁକି ଅନୁପସ୍ଥିତ ରହିଲେ, ସେନେଇ ଦଳ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିବା ବେଳେ ଦେବାଶିଷ ବି ନିଜଆଡୁ ବି କିଛି କହିନାହାନ୍ତି। ହେଲେ ପ୍ରସଙ୍ଗଟି ଚର୍ଚ୍ଚାର ବଳୟକୁ ଆସିଥିବାରୁ ଏହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## 'ବିକଶିତ ଭାରତ'...

ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ଏନ୍‌ଇପିର ଡ୍ରାଫଟିଂ କମିଟି ଅଧ୍ୟକ୍ଷ ପଦ୍ମବିଭୂଷଣ ଡକ୍ଟର କେ କସ୍ତୁରୀରଙ୍ଗନଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ, ଭାରତର ଶିକ୍ଷା ଏବଂ ମହାକାଶ କ୍ଷେତ୍ରରେ ଅଗ୍ରଣୀ ଅବଦାନକୁ ସ୍ୱୀକୃତି ସ୍ୱରୂପ ଶ୍ରୀ ପ୍ରଧାନଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଏନ୍‌ଇପିର ପଞ୍ଚମ ବାର୍ଷିକୀରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲ ଶିକ୍ଷା ସାକ୍ଷରତା ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ପ୍ରାୟ ୪ ହଜାର କୋଟିର ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏନ୍‌ଇପି ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତନକାରୀ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ଭାରତର ଅଭିବୃଦ୍ଧିରେ ଶିକ୍ଷାର ବଡ଼ ଭୂମିକା ରହିବ ବୋଲି ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରା ରହିଛି। ଦେଶ 'ବିକଶିତ ଭାରତ ୨୦୪୭'ର କଳ୍ପନା ଆଡ଼କୁ ଅଗ୍ରସର ହେଉଥିବା ବେଳେ ଏହାକୁ ଆଗେଇ ନେବା ଦିଗରେ ଏନ୍‌ଇପି ଏକ ଜାତୀୟ ମିଶନ ଭାବେ କାର୍ଯ୍ୟ କରିବ। ଗତ ୫ ବର୍ଷ ମଧ୍ୟରେ ସରକାର ଏନ୍‌ଇପିକୁ ପଲିସିରୁ ପ୍ରାକ୍ଟିସକୁ ନେବାରେ ସଫଳ ହୋଇଛନ୍ତି। ଏହି ନୀତି ଶିକ୍ଷା ବ୍ୟବସ୍ଥାରେ ଏକ ଅନୁକରଣୀୟ ପରିବର୍ତ୍ତନ ଆଣିବା ସହ ଶ୍ରେଣୀଗୃହ, କ୍ୟାମ୍ପସ ଓ ବିଭିନ୍ନ ସମୁଦାୟ ପର୍ଯ୍ୟନ୍ତ ପହଞ୍ଚିଛି। ଏନ୍‌ଇପି ମୂଳରେ ଭାରତୀୟ ବିଚାରଧାରା ରହିଛି। ବୈଜ୍ଞାନିକ ଶିକ୍ଷା, ନବସୃଜନ, ଗବେଷଣା, ଭାରତୀୟ ଜ୍ଞାନ ପ୍ରଣାଳୀ ଓ ଭାରତୀୟ ଭାଷା ଉପରେ ଶିକ୍ଷା ନୀତି ବିଶେଷ ଧ୍ୟାନ ଦେବା ସହ ଶିକ୍ଷା ମାଧ୍ୟମରେ ରାଷ୍ଟ୍ର ନିର୍ମାଣର ବ୍ୟାପକ ଲକ୍ଷ୍ୟ ରଖିଛି। ପ୍ରତ୍ୟେକ ଶ୍ରେଣୀଗୃହରେ ଏକ ଅର୍ଥପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବା ଉପରେ ଦୃଷ୍ଟି ଦେବା ସହ ପ୍ରତ୍ୟେକ ପିଲାର ସାମର୍ଥ୍ୟ ପ୍ରସ୍ଫୁଟିତ ସୁନିଶ୍ଚିତ ପାଇଁ ଶ୍ରୀ ପ୍ରଧାନ ସେ ସମସ୍ତ ଅଂଶୀଦାରଙ୍କୁ ସକ୍ରିୟ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଅଖିଳ ଭାରତୀୟ ଶିକ୍ଷା ସମାଗମ କେବଳ ଏକ ସମ୍ମିଳନୀ ନୁହେଁ ବରଂ ବିକଶିତ ଭାରତ ନିର୍ମାଣ ପାଇଁ ଜାତୀୟ ସଂକଳ୍ପର ଏକ ସାମୂହିକ ଅଭିବ୍ୟକ୍ତି। ଏଥିସହ ସେ ସମସ୍ତଙ୍କୁ ଏନ୍‌ଇପିର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରତିବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି। କ୍ଲାସରୁମରୁ କ୍ରିଏଟିଭିଟି ଓ ଶିକ୍ଷାରୁ ରାଷ୍ଟ୍ର ନିର୍ମାଣ ଆଡ଼କୁ ଯିବା ଦିଗରେ କାର୍ଯ୍ୟ କରିବା ପାଇଁ ସେ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ଡକ୍ଟର ସୁକାନ୍ତ ମଜୁମଦାର, ୧୩ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଶିକ୍ଷାମନ୍ତ୍ରୀ ଯୋଗ ଦେଇଥିଲେ। ସେହିପରି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ ସଚିବ, ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ସଚିବ, ପ୍ରମୁଖ ଶିକ୍ଷାବିତ୍, ସିବିଏସଇ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ସଂଗଠନର ଆଞ୍ଚଳିକ ଅଧିକାରୀ, ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନର କୁଳପତି, ନିର୍ଦ୍ଦେଶକ, ମୁଖ୍ୟ, ଅନ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ରାଜ୍ୟ ଶିକ୍ଷା ସଚିବ, ସମଗ୍ର ଶିକ୍ଷାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଏସସିଇଆରଟିର ନିର୍ଦ୍ଦେଶକ, ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ଓ ସ୍କୁଲ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ସହକାରୀ ଯନ୍ତ୍ରୀଙ୍କ ପୁଳା ପୁଳା ଘର

● ୧୩ଟି ବହୁ ମୂଲ୍ୟବାନ ପ୍ଲଟ ଠାବ କଲା ଭିଜିଲାନ୍ସ



**ଭୁବନେଶ୍ୱର,୨୯।୭ (ସଂଚାର ବ୍ୟୁରୋ):** ସହକାରୀ ଯନ୍ତ୍ରୀଙ୍କ ନାଁରେ ମାଳ ମାଳ ପ୍ଲଟ ଓ ପୁଳା ପୁଳା ଘର ଠାବ ହୋଇଛି। ଆଜି ସକାଳୁ ଆର୍‌ଆଣ୍ଡବି' ଡିଭିଜନ୍- ୩ର ସହକାରୀ ଯନ୍ତ୍ରୀ (ଏଇ) ରାଜକିଶୋର ଜେନାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ନେଇ ଭିଜିଲାନ୍ସ ପକ୍ଷରୁ ଭୁବନେଶ୍ୱର ଓ ନୟାଗଡ଼ର ୧୦ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ଶ୍ରୀ ଜେନାଙ୍କ ନାମରେ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ୧୩ଟି ବହୁ ମୂଲ୍ୟବାନ ପ୍ଲଟ୍ ଥିବା ଜଣାପଡ଼ିଛି। ଏଥି ମଧ୍ୟରୁ ଭୁବନେଶ୍ୱରରେ ୯ଟି, ନୟାଗଡ଼ରେ ୩ଟି ଓ ଅନ୍ୟଟି ଖୋର୍ଦ୍ଧାରେ ରହିଛି। ଏହାଛଡ଼ା ତାଙ୍କର ଭୁବନେଶ୍ୱର ନୀଳାଦ୍ରି ବିହାରରେ ଏକ ୩ ମହଲା କୋଠା, କସମୋପଲିସ ଓ ଡୁମଡୁମାରେ ଫ୍ଲାଟ, ପାହାଳ ସିମ୍ଫୋନି ମଲ ଓ କଲ୍ପନା ଉତ୍କଳ ଗ୍ୟାଲେରିଆ ମଲ୍‌ରେ ଦୋକାନ ଘର, ଜାଗମରାରେ ଘରେ ରହିଥିବା ଜଣାପଡ଼ିଛି। ସେହିପରି ଭୁବନେଶ୍ୱର ସରକାରୀ କାର୍ଯ୍ୟାଳୟ ଓ ପଟିଆରେ ଥିବା ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢ଼ାଉ କରାଯାଇଛି।

ଏହି ଚଢ଼ାଉରେ ୭ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟର, ଜଣେ ଏସ୍‌ଆଇ, ୧୧ ଜଣ ଏଏସଆଇ ସାମିଲ ଥିଲେ। ଶ୍ରୀ ଜେନାଙ୍କ ନିଳାଦ୍ରୀ ବିହାରସ୍ଥିତ ଘରର ପରିସୀମା ସାଢ଼େ ୩ ହଜାର ବର୍ଗଫୁଟ ରହିଥିବା ବେଳେ କସ୍‌ମୋପଲିସ୍‌ରେ ଅଷ୍ଟମ ମହଲାରେ ଥିବା ଘର ୧୮୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ରହିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ ଶ୍ରୀ ଜେନାଙ୍କ ନାମରେ ଆହୁରି ଅନେକ ଆୟ ବହିର୍ଭୂତ ସମ୍ପତ୍ତି ମିଳିବାର ସମ୍ଭାବନା ରହିଛି।

# ବୁଣାକାର ସେବା କେନ୍ଦ୍ର ଓ ମିଶନ ଶକ୍ତି ମଧ୍ୟରେ ବୁଝାମଣା

## ବୟନ ପରମ୍ପରାକୁ ଆଗେଇ ନେଉଛି ଏସ୍‌ଏଚ୍‌ଜି: ଉପମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ):** ଓଡ଼ିଶାର ବୟନ ପରମ୍ପରାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆଗକୁ ନେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତ ବ୍ୟକ୍ତ କରିଛନ୍ତି। ଆଜି ମିଶନ ଶକ୍ତି ଭବନ ଅଡିଟରିୟମ ହଲରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ଉପସ୍ଥିତିରେ ବୁଣାକାରମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟ ନେଇ ମିଶନ ଶକ୍ତି ବିଭାଗ ସହ କେନ୍ଦ୍ର ସରକାରଙ୍କ ହସ୍ତତନ୍ତ ବିକାଶ ଆୟୋଗ ଅଧୀନରେ ଥିବା ବୁଣାକାର ସେବା କେନ୍ଦ୍ର ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ବୁଝାମଣାପତ୍ର ରାଜ୍ୟର ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକୁ ନୂତନ ଡିଜାଇନ, ତାଲିମ ଓ ଦକ୍ଷତା ବିକାଶ ସହ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ଉପଲବ୍ଧ କରାଇବାରେ ସହାୟକ ହେବ ବୋଲି ଶ୍ରୀମତୀ ପରିଡ଼ା ଆଶା ପ୍ରକାଶ କରିଛନ୍ତି। ନିକଟରେ 'ମନ କୀ ବାତ' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଲ୍ଲେଖ କରିଥିବା ମୟୂରଭଞ୍ଜର ସାନ୍ତାଳି ବୟନ ଶିଳ୍ପର ପୁନରୁଦ୍ଧାର ଓ କେଉଁଝର ଜିଲ୍ଲାର ମହିଳା ସଂକୀର୍ତ୍ତନ କଥାକୁ ଦୋହରାଇ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଆଜି ଓଡ଼ିଶାର ମା'ମାନେ ସମଗ୍ର ଦେଶରେ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି। ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟ ହାସଲ ପାଇଁ ଆମେ ଏସ୍‌ଏଚ୍‌ଜିଙ୍କୁ ସହଜ, ସୁବିଧା ଓ ସୁଖଦ ରୋଜଗାର ପନ୍ଥା ବାଛିବାକୁ ସୁଯୋଗ ଦେଉଛୁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ଆମେ ଲକ୍ଷପତି ଦିଦିମାନଙ୍କୁ ଏବେ କୋଟିପତି କରିବାର ପ୍ରୟାସ ଜାରି ରହିଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ବୁଣାକାର ସେବା ସଂଘ ଉପନିର୍ଦ୍ଦେଶକ ବିକାଶ କୁମାର ଓ ବିଭାଗୀୟ ବରିଷ୍ଠ ଅଧିକାରୀ, ବୟନ ବିଶେଷଜ୍ଞ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଓଡ଼ିଶାର ଉଦ୍ୟୋଗୀ ମହିଳାଙ୍କ ପାଇଁ ହସ୍ତତନ୍ତ ଓ ବୟନ ଶିଳ୍ପ ଏକ ଉଦୀୟମାନ କ୍ଷେତ୍ର ହୋଇଥିବା ବେଳେ ହଜାର ହଜାର ଏସଏଚଜି ସଦସ୍ୟା ତନ୍ତ ବୁଣା, ସିଲାଇ, ଏମ୍ବ୍ରୋଡରି ଏବଂ ଘରୋଇ ଉତ୍ପାଦକୁ ନିଜର ଜୀବନଜୀବିକା ଭାବେ ଗ୍ରହଣ କରିଛନ୍ତି। ଆଜି ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ର ଆଧୁନିକ, ଡିଜାଇନ୍ ଓ ବଜାର ପ୍ରସ୍ତୁତ ଇକୋସିଷ୍ଟମ ନିର୍ମାଣ ଦିଗରେ ସହାୟକ ହେବ ବୋଲି ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ପଣ୍ଡିତ କହିଛନ୍ତି। ବିଭାଗୀୟ ସହଭାଗିତାରେ ଏହି ପଦକ୍ଷେପ ଡିଜାଇନ୍ ମେଣ୍ଟରସିପ୍, ନମୁନା ସହାୟତା ଓ ବଜାର ସଂଯୋଗ ପ୍ରଦାନ କରିବ ସହ ଏକ ସ୍ଥାୟୀ ମହିଳା-ନେତୃତ୍ୱାଧୀନ ବୟନ ଉଦ୍ୟୋଗ ନିର୍ମାଣ ଏବଂ ବୟନ ମୂଲ୍ୟ ଶୃଙ୍ଖଳ ଗଢ଼ିବାରେ ସହାୟକ ହେବ ବୋଲି ବିଭାଗର ନିର୍ଦ୍ଦେଶକ, ଡ. ମୋନିକା ପ୍ରିୟଦର୍ଶିନୀ ଆଶା ପ୍ରକାଶ କରିଛନ୍ତି।


ଏହି ଅବସରରେ ବୁଣାକାର ସେବା କେନ୍ଦ୍ରର ଉପନିର୍ଦ୍ଦେଶକ ବିକାଶ କୁମାର କହିଛନ୍ତି ଯେ ଓଡ଼ିଶା ବୟନ ପ୍ରତିଭାର ଅନେକ କାରିଗର ଜାତୀୟ ସ୍ତରରେ ସ୍ୱୀକୃତି ପାଇଛନ୍ତି। ରାଜ୍ୟ ସରକାରଙ୍କ ସହ ଏହି ସହଭାଗିତା ଓଡ଼ିଶା ବୟନ ସୃଜନଶୀଳତାକୁ ନୂଆ ରୂପ ଦେବା ସହ ଜାତୀୟ ବୟନ ଓ ହସ୍ତତନ୍ତ ମାନଚିତ୍ରକୁ ଆହୁରି ସଶକ୍ତ କରିବ। ଓଡ଼ିଶା ଆଜି ମହିଳା ନେତୃତ୍ୱାଧୀନ ବିକାଶରେ ଜାତୀୟ ସ୍ତରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ୧୬ ଲକ୍ଷରୁ ଉର୍ଦ୍ଧ୍ୱ ଲକ୍ଷପତି ଦିଦି ସୃଷ୍ଟି ଓ ସୁଭଦ୍ରା ଶକ୍ତି ମେଳା, ସୁଭଦ୍ରା ଶକ୍ତି କାଫେ ଏବଂ ଏକ ଜିଲ୍ଲା ଏକ ଉତ୍ପାଦ କ୍ଲଷ୍ଟର ଭଳି ଅଗ୍ରଣୀ ମଡେଲ ସହ ଓଡ଼ିଶା ଆଜି ଭାରତ ସରକାରଙ୍କ ଲକ୍ଷପତି ଦିଦି ପଦକ୍ଷେପ ଅଧୀନରେ ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ପ୍ରତିଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ହସ୍ତକ୍ଷେପଗୁଡ଼ିକ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ଶିଳ୍ପ ଓ ବସ୍ତ୍ର କ୍ଷେତ୍ରରେ ମହିଳାଙ୍କ ପାଇଁ ଆର୍ଥିକ ସୁଯୋଗର ବାଟ ଖୋଲିଛି। ଏହି ସହଭାଗିତା ଅଧୀନରେ, ବୁଣାକାର ସେବା କେନ୍ଦ୍ର ଘରୋଇ ଓ ବିଶ୍ୱସ୍ତରୀୟ ଗ୍ରାହକଙ୍କ ବିକଶିତ ରୁଚି ଅନୁସାରେ ପୋଷାକ ଏବଂ ସାଜସଜ୍ଜା ସାମଗ୍ରୀ ପାଇଁ 'ମଲ୍ଟିପଲ କଲରୱେ'ରେ ମୌଳିକ କାଗଜ ଡିଜାଇନ୍ ବିକଶିତ କରିବ। ଏହି ପଦକ୍ଷେପ ପାରମ୍ପରିକ ବସ୍ତ୍ର ପ୍ରସ୍ତୁତି ଦକ୍ଷତାକୁ ଗଠନମୂଳକ ଉଦ୍ୟୋଗରେ ରୂପାନ୍ତରିତ କରିବାରେ ଏକ ବିଶେଷ ଭୂମିକା ଗ୍ରହଣ କରିବ। ଏସଏଚଜି ସଦସ୍ୟାମାନଙ୍କ ସୃଜନଶୀଳ ସାମର୍ଥ୍ୟକୁ ବୁଣାକାର ସେବା କେନ୍ଦ୍ରର ବିଶେଷଜ୍ଞ ମାର୍ଗଦର୍ଶନ ସହ ଯୋଡ଼ି ଏହି ବୁଝାମଣାପତ୍ର ଉନ୍ନତ ଜୀବିକା ସୃଷ୍ଟି, ଉତ୍ପାଦର ବ୍ୟାପାରିକ ଶକ୍ତି ବିକାଶ ଓ ଦୀର୍ଘମିଆଦି ମୂଲ୍ୟ ସୃଷ୍ଟି ପାଇଁ ମଞ୍ଚ ପ୍ରସ୍ତୁତ କରିବ।

# ଆଇଏମ୍‌ଏ ଭିତ୍ତିଭୂମି ବିକାଶ ପାଇଁ ବୁଝାମଣା



**ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉପକଣ୍ଠସ୍ଥ ଅନ୍ଧାରୁଆଠାରେ ଥିବା ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ (ଆଇଏମ୍‌ଏ)ର ଭିତ୍ତିଭୂମି ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରତିଷ୍ଠାନ ପରିସରରେ ପାଠାଗାର କୋଠା, ଶିକ୍ଷକଶିକ୍ଷୟିତ୍ରୀଙ୍କ ନିମନ୍ତେ ବାସଗୃହ, ହଷ୍ଟେଲ ଓ ଏକାଡେମିକ୍ ବ୍ଲକ୍‌ର ଅତିରିକ୍ତ ମହଲା ନିର୍ମାଣ ନିମନ୍ତେ ଏକ ବୁଝାମଣାପତ୍ର ଖାରବେଳ ଭବନଠାରେ ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଏବଂ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ (ଓସିସିଏଲ୍) ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ଉପସ୍ଥିତିରେ ଆଇଏମ୍‌ଏର ନିର୍ଦ୍ଦେଶକ ପ୍ରଫେସର ଯଶୋବନ୍ତ ଜେନା ଓ ଓସିସିଏଲ୍ ମୁଖ୍ୟ କାର୍ଯ୍ୟାଳୟର ନିର୍ମାଣ ବିଭାଗ ପରିଚାଳନା ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ଚୌଧରୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ମୋଟ ୨୬ କୋଟି ୫ ଲକ୍ଷ ଟଙ୍କା ବିନିମୟରେ ଏହିସବୁ ନିର୍ମାଣ କାର୍ଯ୍ୟ କରାଯିବ। ଏଥିନିମନ୍ତେ ଦୁଇ ବର୍ଷ ସମୟସୀମା ଧାର୍ଯ୍ୟ କରାଯାଇଛି। ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ଓ ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ନିର୍ଦ୍ଦେଶିକା ଊର୍ମିପ୍ରଭା ମହାରଣା, ଓସିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ବିଭୂତି ଭୂଷଣ ଦାଶ, ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ଅଧ୍ୟାପକ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଚାଡ଼ି ମାରିଲା ଦନ୍ତା, ଗାଁରେ ଭୟର ବାତାବରଣ



**ରାଇକିଆ,୨୯।୭ (ସଂଚାର ବ୍ୟୁରୋ):** ଜମିଛି ଲୋକଙ୍କ ଗହଳି ଆଉ ଜଣେ ମହିଳା ବିକଳ ହୋଇ କାନ୍ଦୁଛନ୍ତି। ଏପଟେ ଛାରିଆଡ଼େ ଛିନଛତ୍ର ହୋଇପଡିଛି ଜିନିଷପତ୍ର। ଉକ୍ତ ମହିଳାଙ୍କ ବାପାଙ୍କୁ ହାତୀ ଦଳି ମାରିଦେଇଥିବାରୁ ଗ୍ରାମରେ ଏକ ଶୋକାପ୍ଲୁତ ବାତାବରଣ ଖେଳିଯାଇଛି। କନ୍ଧମାଳ ରାଇକିଆ ବ୍ଲକ ଅନ୍ତର୍ଗତ ପେଟାପାଙ୍ଗା ପଞ୍ଚାୟତ ଆଡ଼ାସିକୁପା ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଖାଦ୍ୟାଭାବ ଯୋଗୁଁ ହାତୀମାନେ ଗାଁମୁହାଁ ହେଉଥିବା ବେଳେ ଏହା ଆଖପାଖ ଗାଁ ଲୋକଙ୍କ ପାଇଁ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। ହାତୀ ଆକ୍ରମଣରେ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଗାଁରେ ଏକ ଭୟର ବାତାବରଣ କାଏମ ରହିଛି। ମିଳିଥିବା ସୂଚନାନୁସାରେ, ଆଜି ସକାଳୁ ଆଡ଼ାସିଗୁପା ଗ୍ରାମର ପ୍ରଶାନ୍ତ ନାୟକ ଘର ବାହାରେ ଛିଡ଼ା ହୋଇଥିବା ବେଳେ ହଠାତ୍ ଏକ ଜଙ୍ଗଲୀ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ଘଟଣାସ୍ଥଳରେ ହିଁ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଗତକାଲି ଜି. ଉଦୟଗିରି ମାହାଙ୍ଗା ସୁଗାରେ ମଧ୍ୟ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ପ୍ରଶାନ୍ତଙ୍କ ମୃତ୍ୟୁ ପରେ ପରିବାର ଲୋକେ ପୂରା ଭାଙ୍ଗିପଡ଼ିଛନ୍ତି। ଏପରି ସ୍ଥିତି କ୍ରମାଗତ ଭାବେ ଉପୁଜୁଥିଲେ ହେଁ ବନ ବିଭାଗ ଓ ସ୍ଥାନୀୟ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉନଥିବାରୁ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ବର୍ଷ ବର୍ଷ ଧରି ସେମାନେ ହାତୀ ଆକ୍ରମଣର ଶିକାର ହୋଇଆସୁଥିଲେ ମଧ୍ୟ ଏହାର କୌଣସି ନିରାକରଣ କରାଯାଉନାହିଁ। ତେବେ ସ୍ଥାନୀୟ ଅଞ୍ଚଳରେ ହାତୀ ଆକ୍ରମଣ ଘଟଣା ନିୟମିତ ଭାବେ ଘଟୁଥିବାରୁ ଲୋକେ ଭୟରେ ରାତି ହେଲେ ଘରୁ ବାହାରକୁ ବାହାରୁନାହାନ୍ତି। ଏ ଦିଗରେ ପଦକ୍ଷେପ ନେବା ସକାଶେ ସେମାନେ ପ୍ରଶାସନକୁ ନିବେଦନ କରିଛନ୍ତି।

### ଲାଭବାନ ହେଉଛନ୍ତି କାରିଗର

# ବଢ଼ୁଛି ସବାଇ ଘାସରୁ ପ୍ରସ୍ତୁତ ରାକ୍ଷୀ ଚାହିଦା

**ମୟୂରଭଞ୍ଜ,୨୯।୭(ସଂଚାର ବ୍ୟୁରୋ):** ଆଉ କିଛିଦିନ ପରେ ରାକ୍ଷୀ ପୂର୍ଣ୍ଣିମା। ସେଥିପାଇଁ ଗାଁଠୁ ସହର ସବୁଠି ଚଳଚଞ୍ଚଳ ପରିବେଶ। ଏଥିସହ ରାକ୍ଷୀ ପୂର୍ଣ୍ଣିମାରେ ଭଉଣୀମାନଙ୍କୁ ଆକର୍ଷିତ କରିବା ସକାଶେ ମଧ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। କିଏ ଧାନ ଚାଉଳରେ ନିଖୁଣ ଚିତ୍ରରେ ରାକ୍ଷୀ ପ୍ରସ୍ତୁତ କରି ବଜାରରେ ବିକ୍ରି କରୁଛି ତ ଆଉ କିଏ ଆଧୁନିକ ଡିଜାଇନରେ ରାକ୍ଷୀ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏହାରି ଭିତରେ ସବାଇ ଘାସରେ ପ୍ରସ୍ତୁତ ରାକ୍ଷୀ ବେଶ୍ ଚର୍ଚ୍ଚା ସାଉଁଟୁଛି। ଓର୍‌ମାସ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାଠାରେ ଖୋଲିଛି ସବାଇ ଘାସରୁ ପ୍ରସ୍ତୁତ ରାକ୍ଷୀ ଷ୍ଟଲ 'ନିଆରା ରାକ୍ଷୀର ସମ୍ଭାର'। ଏହି ଷ୍ଟଲକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ। ବାରିପଦା ଓ ଶୂଳିଆପଦା ବ୍ଲକ୍‌ର ସବାଇ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଡିଜାଇନର ରାକ୍ଷୀକୁ ଏହି ଷ୍ଟଲରେ ବିକ୍ରି କରାଯାଉଛି। କାରିଗରମାନେ ନିଜ ହାତ ପ୍ରସ୍ତୁତ ରାକ୍ଷୀକୁ ଗ୍ରାହକଙ୍କୁ ବିକ୍ରି କରିବେ। କେବଳ ଏହି ଷ୍ଟଲରେ କାରିଗରଙ୍କ ପ୍ରସ୍ତୁତ ରାକ୍ଷୀ ସହ ୩୦ ଜିଲ୍ଲାରେ ମଧ୍ୟ ସବାଇ ରାକ୍ଷୀ ବିକ୍ରି ହେବା ପାଇଁ ପ୍ରସ୍ତୁତ ହୋଇଛି। ଏଥିସହ ଦିଲ୍ଲୀ, ଚଣ୍ଡିଗଡ଼, ଆସାମ ଆଦି ରାଜ୍ୟକୁ ମଧ୍ୟ ଓର୍‌ମାସ୍ ପକ୍ଷରୁ ଏହି ସବାଇ ରାକ୍ଷୀ ପଠାଯାଇଛି। ସ୍ୱଳ୍ପ ବ୍ୟୟରେ ରାକ୍ଷୀ ପ୍ରସ୍ତୁତ କରି ବେଶ୍ ଲାଭବାନ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲାର ସବାଇ କାରିଗର।

### କେନ୍ଦ୍ର ଶକ୍ତି ମନ୍ତ୍ରୀଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ

# ଓଡ଼ିଶା ବିଦ୍ୟୁତ୍ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅନୁକୂଳ ବିଚାର ପାଇଁ ନିବେଦନ



**ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ):** ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଆଜି ଦିଲ୍ଲୀରେ କେନ୍ଦ୍ର ଶକ୍ତି, ଗୃହ ଓ ସହରୀ ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଓଡ଼ିଶା ବିଦ୍ୟୁତ୍ କ୍ଷେତ୍ରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଶ୍ରୀ ସିଂହଦେଓ ଆଲୋଚନା କରିବା ସହ ଉକ୍ତ ପ୍ରସଙ୍ଗ ଉପରେ ଅନୁକୂଳ ବିଚାର ପାଇଁ କେନ୍ଦ୍ର ଶକ୍ତି ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଆଲୋଚନାରେ ସାମିଲ୍ ଥିବା ପ୍ରସଙ୍ଗଗୁଡ଼ିକ ମଧ୍ୟରେ ପୁନର୍ବିନ୍ୟାସ କ୍ଷେତ୍ର ଯୋଜନା (ଆର୍‌ଡିଏସ୍‌ଏସ୍) ଅଧୀନରେ ୩୦୬୯ କୋଟି ଟଙ୍କାର ପାଣ୍ଠି ମଞ୍ଜୁର, ଓଡ଼ିଶା ବାରମ୍ବାର ଘୂର୍ଣ୍ଣିଝଡ଼ ଓ ବନ୍ୟାର ସମ୍ମୁଖୀନ ହେଉଥିବାରୁ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମିଳିତ (ସିଡିଆର୍‌ଆଇ) ଉପକୂଳରୁ ମନୋନୀତ ସ୍ଥାନରେ ଭୂତଳ କେବୁଲ ବିଶେଷକରି ଉପକୂଳବର୍ତ୍ତୀ ୩୦ କିମି ସହ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି, ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଓଡ଼ିଶାକୁ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ତୁରନ୍ତ କେନ୍ଦ୍ରୀୟ ଆର୍ଥିକ ସହାୟତା ଯୋଗାଇଦେବା ଆଦି ଅନ୍ୟତମ। ଏହାଛଡ଼ା ସୁନ୍ଦରଗଡ଼ ଜିଲ୍ଲା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ଚାହିଦା ବୃଦ୍ଧି ପାଉଥିବାରୁ ଏନଏଲସି ତଲାବିରା ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପରୁ ଓଡ଼ିଶାକୁ ୮୦୦ ମେଗାୱାଟ ବିଦ୍ୟୁତ୍ ଆବଣ୍ଟନ କରିବାକୁ ଉପମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଏହାଦ୍ୱାରା ସମୁଦାୟ ୩୨୦୦ ମେଗାୱାଟ ପ୍ରକଳ୍ପ କ୍ଷମତାରୁ ୧୨୦୦ ମେଗାୱାଟ ଓଡ଼ିଶା ପକ୍ଷରେ ରହିବ। ଏନଏଲସି ତଲାବିରା ପ୍ରଥମ ପର୍ଯ୍ୟାୟରେ ୪୦୦ ମେଗାୱାଟ କ୍ଷମତା ଓଡ଼ିଶାକୁ ଆବଣ୍ଟନ କରାଯାଇଥିଲା। ସେହିପରି ଓଡ଼ିଶା ଏହାର ବିଦ୍ୟୁତ୍ କ୍ଷେତ୍ର ବିକାଶରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି। ଏହି ମଞ୍ଜୁରୀ ଦ୍ୱାରା ଓଡ଼ିଶା କେବଳ ଏହାର ଜନସାଧାରଣଙ୍କୁ ଲାଭବାନ କରିବ ନାହିଁ, ସାରା ଦେଶରେ ନିର୍ଭରଯୋଗ୍ୟ ଓ ସ୍ଥାୟୀ ବିଦ୍ୟୁତ୍ ଭିତ୍ତିଭୂମି ସୁନିଶ୍ଚିତ କରିବା ଲକ୍ଷ୍ୟରେ ମଧ୍ୟ ଯୋଗଦାନ କରିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

# ଯୋଗାଣ ମନ୍ତ୍ରୀଙ୍କୁ ଠକିଥିବା ଅଭିଯୁକ୍ତ ଗିରଫ



**ଢେଙ୍କାନାଳ,୨୯।୭(ସଂଚାର ବ୍ୟୁରୋ):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଜମି ଦେବା ନାଁରେ ୨୫ ଲକ୍ଷ ଟଙ୍କା ଠକିନେଇଥିବା ଠକକୁ ଆଜି ପୁଲିସ୍ ଗିରଫ କରିଛି। ଅଭିଯୁକ୍ତ ନିରଞ୍ଜନ ଶତପଥୀଙ୍କୁ ଟାଉନ ଥାନା ପୁଲିସ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିବା ବେଳେ ତାଙ୍କ ଘର ଢେଙ୍କାନାଳ ସଦର ଥାନା ବଣସିଂହ ଗାଁରେ ବୋଲି ଜଣାପଡ଼ିଛି। ଗତକାଲି ମନ୍ତ୍ରୀ ଶ୍ରୀ ପାତ୍ର ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ୍ ଏହାର ତଦନ୍ତ ଆରମ୍ଭ କରିଥିଲା। ତେବେ ଆଜି ପୂର୍ବାହ୍ନରେ ନିରଞ୍ଜନ ଟାଉନ ଥାନାରେ ପହଞ୍ଚିଥିଲେ। ତାଙ୍କୁ ପଚରାଉଚରା କରିବା ପରେ ପୁଲିସ୍ କୋର୍ଟ ଚାଲାଣ କରିଥିଲା। ଅଧିକ ତଦନ୍ତ ପାଇଁ ତାଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସପି ଅଭିନବ ସୋନକର କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୦୨୧ରେ ନିରଞ୍ଜନ ମଧ୍ୟସ୍ଥିତ ଭାବେ ମନ୍ତ୍ରୀଙ୍କୁ ଜମି କିଣାଇଦେବାକୁ କହି ୨୫ ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ୪ ବର୍ଷ ହେଲା ସେ କୌଣସି ଜମି ଦେଇନଥିଲେ। ସେ ନିୟମିତ ଭାବେ ଠକୁଥିବା ଜାଣି ଶେଷରେ ଶ୍ରୀ ପାତ୍ର ଥାନାରେ ଅଭିଯୋଗ କରିଥିଲେ। ଇତିମଧ୍ୟରେ ନିରଞ୍ଜନ ଦେଇଥିବା ଦୁଇଟି ଚେକ୍ ମଧ୍ୟ ବାଉନ୍ସ ହୋଇଥିଲା।

# ୩୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମାରିଜୁଆନା ଜବତ

**ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱର ବିମାନବନ୍ଦରରୁ କଷ୍ଟମ୍‌ସ ବିଭାଗ ଅଧିକାରୀମାନେ ୩୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ହାଇଡ୍ରୋପୋନିକ୍ ମାରିଜୁଆନା ଜବତ କରିଛି। ବ୍ୟାଙ୍କକ୍‌ରୁ ଆସିଥିବା ୩ ଜଣ ଯାତ୍ରୀଙ୍କୁ ଯାଞ୍ଚ୍ କରିବା ସମୟରେ ସେମାନଙ୍କଠାରୁ ଏହା ଜବତ କରାଯାଇଛି। ରୁଟିନ୍ ଯାଞ୍ଚ୍ ସମୟରେ ଉକ୍ତ ୩ ଜଣ ଯାତ୍ରୀଙ୍କ ୬ଟି ସୁଟ୍‌କେଶ୍ ଯାଞ୍ଚ୍ କରାଯାଇଥିଲା। ଉକ୍ତ ୩ ଯାତ୍ରୀଙ୍କୁ ଅଟକ ରଖାଯାଇ ପଚରାଉଚରା ଚାଲିଛି। ତେବେ ପ୍ରାଥମିକ ଯାଞ୍ଚ୍ ପରେ ଏହି ଚାଲାଣ ପଛରେ କୌଣସି ଅନ୍ତର୍ଜାତୀୟ ର୍ୟାକେଟ୍ କାମ କରୁଥିବା ସନ୍ଦେହ କରାଯାଇଛି।

# ଅଗଷ୍ଟ ୨୯ରୁ ଏସ୍‌ସିଏସ୍‌ଟିଡବ୍ଲ୍ୟୁସି ଅଧ୍ୟକ୍ଷ ସମ୍ମିଳନୀ



**ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ):** ଆସନ୍ତା ଅଗଷ୍ଟ ୨୯ରୁ ଏଠାରେ ପାର୍ଲାମେଣ୍ଟ/ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟି (ଏସ୍‌ସିଏସ୍‌ଟିଡବ୍ଲ୍ୟୁସି)ଅଧ୍ୟକ୍ଷଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆଜି ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ସଚେତକ ସରୋଜ ପ୍ରଧାନ ଉପସ୍ଥିତ ରହି ସମ୍ମିଳନୀର ପ୍ରସ୍ତୁତି ସମ୍ପର୍କରେ ନିଜର ମତାମତ ଉପସ୍ଥାପନ କରିଥିଲେ। ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ଏହି ଜାତୀୟ ସମ୍ମିଳନୀରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ଡ. ହରିବଂଶ, ସାଂସଦ ଓ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କମିଟି ଅଧ୍ୟକ୍ଷ ଓ ପ୍ରତିନିଧିମାନେ ଯୋଗଦେବେ। ଏହି ଅବସରରେ ବାଚସ୍ପତି ଓଡ଼ିଶାକୁ ଏଭଳି ଏକ ମର୍ଯ୍ୟାଦାଜନକ ଜାତୀୟ ସମ୍ମିଳନୀର ଆୟୋଜନ ସୁଯୋଗ ଦେଇଥିବାରୁ ଲୋକସଭା ବାଚସ୍ପତିଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ କାର୍ଯ୍ୟକ୍ରମରେ ପ୍ରାୟ ୨୫୦ ପ୍ରତିନିଧି ଯୋଗଦେବେ। ଓଡ଼ିଶା 'ଅତିଥି ଦେବୋ ଭବଃ' ନୀତିକୁ ସବୁବେଳେ ପ୍ରାଥମିକତା ଦେଇଆସିଥିବା ବେଳେ ଏଥିରେ ଯୋଗଦେବାକୁ ଥିବା ଅତିଥିମାନଙ୍କ ଚର୍ଚ୍ଚାରେ ଯେପରି କୌଣସି ତ୍ରୁଟି ନ ରହେ, ତା' ଉପରେ ବାଚସ୍ପତି ଗୁରୁତ୍ୱାରୋପ କରିଛନ୍ତି। ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେବାକୁ ଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଯୋଗଦେବେ। ସମ୍ମିଳନୀ ପରେ ଅତିଥିମାନେ ପୁରୀ ଓ କୋଣାର୍କ ପରିଦର୍ଶନ କରି ଓଡ଼ିଶାର କଳା ଓ ସଂସ୍କୃତି ସମ୍ପର୍କରେ ଅବଗତ ହେବେ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀର ପ୍ରସ୍ତୁତି ସମ୍ପର୍କରେ ତଦାରଖ ପାଇଁ ଲୋକସଭା ନିର୍ଦ୍ଦେଶକ ଡ. ଯମ୍‌ନାମ୍ ଅରୁଣ କୁମାରଙ୍କ ସହ ଏକ ଉଚ୍ଚସ୍ତରୀୟ ଅଧିକାରୀ କମିଟି ଓଡ଼ିଶା ଗସ୍ତରେ ରହିଛନ୍ତି। ପ୍ରସ୍ତୁତି ବୈଠକରେ କମିଶନରେଟ୍ ପୁଲିସ, ସଂସଦୀୟ ବ୍ୟାପାର ବିଭାଗ, ଗୃହ ବିଭାଗ, ଅର୍ଥ ବିଭାଗ, ପର୍ଯ୍ୟଟନ ବିଭାଗ, ପୂର୍ତ୍ତ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିବା ବେଳେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କ ଅଭିଯୋଗ

**ଜଗତସିଂହପୁର,୨୯।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫ୍‌ଏମ୍ ମହାବିଦ୍ୟାଳୟ ଏଜୁକେଶନ ବିଭାଗ ମୁଖ୍ୟ (ଏଚ୍‌ଓଡି) ସମୀର ସାହୁଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିବା ସହ ଆତ୍ମାହୁତି ଦେଇଥିବା ଛାତ୍ରୀଙ୍କ ମୃତ୍ୟୁ ପରେ କଳଙ୍କିତ ହୋଇଛି ଗୁରୁ-ଶିଷ୍ୟ ସମ୍ପର୍କ। ଏହାଛଡ଼ା ବିଭିନ୍ନ ସମୟରେ ରାଜ୍ୟରେ ଜାଣିଶୁଣି ଛାତ୍ରୀମାନଙ୍କୁ ହଇରାଣ ହରକତ କରିବା ଘଟଣା ନେଇ ମଧ୍ୟ ଅଭିଯୋଗ ଆସୁଛି। ଏହି କ୍ରମରେ ଆଜି ଜଣେ ଗଣିତ ଅଧ୍ୟାପକଙ୍କ ବିରୋଧରେ ଜନୈକା ଛାତ୍ରୀ ଅଭିଯୋଗ କରିଛନ୍ତି। ତିର୍ତ୍ତୋଲର ଏକ କଲେଜରେ କାର୍ଯ୍ୟ କରୁଥିବା ଏହି ଗଣିତ ଅଧ୍ୟାପକ ଜଣଙ୍କ ତାଙ୍କ ଇଣ୍ଟରନାଲ ପରୀକ୍ଷାରେ ମାର୍କ ଉଦ୍ଦେଶ୍ୟମୂଳକ ଭାବେ କମାଇ ଦେଇଥିବା ଅଭିଯୋଗ କରିଛନ୍ତି। ଉକ୍ତ ଅଧ୍ୟାପକଙ୍କ ପାଖରେ ଟ୍ୟୁସନ୍ ହେବାକୁ ମନା କରିବାରୁ ସେ ଏପରି କରିଥିବା ସମ୍ପୃକ୍ତ ଛାତ୍ରୀ ଜଣଙ୍କ ଅଭିଯୋଗ କରିଛନ୍ତି। ଏନେଇ କଲେଜ ଅଧ୍ୟକ୍ଷଙ୍କ ସହ ଉପଜିଲ୍ଲାପାଳଙ୍କ ନିକଟରେ ମଧ୍ୟ ଫେରାଦ ହୋଇଛନ୍ତି। ଏହି ଘଟଣା ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ଉପଜିଲ୍ଲାପାଳ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ଉକ୍ତ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଅଭିଯୋଗ ପ୍ରମାଣିତ ହେଲେ, ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି।

# ସ୍କାଏଲାଇଟ୍ ଭାଙ୍ଗି ଥାନା ହାଜତରୁ ୨ ଅଭିଯୁକ୍ତ ଫେରାର




**ପୁରୀ,୨୯।୭(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଗୋପ ଥାନା ହାଜତରୁ ଆଜି ୨ ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପାଇଖାନା ସ୍କାଏ ଲାଇଟ୍ ଭାଙ୍ଗି ଉକ୍ତ ଦୁଇ ଅଭିଯୁକ୍ତ ଚମ୍ପଟ ମାରିବାରେ ସକ୍ଷମ ହୋଇଛନ୍ତି। ଚୋରି ମାମଲାରେ ବାଇକ୍ ସହ ସେମାନଙ୍କୁ ପୁଲିସ୍ ଗିରଫ କରି ହାଜତରେ ରଖିଥିଲା। ଅନ୍ୟପକ୍ଷରେ ଫେରାର ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁଲିସ କାହାରିକୁ ବି ଧରିପାରିନାହିଁ। ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

# ସାତକୋଶିଆ ଏବେ ବାଘଶୂନ୍ୟ: ପିସିସିଏଫ

## ଶିମିଳିପାଳରେ ଅଛନ୍ତି ୩୦ଟି ବାଘ



**ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ):** ରାଜ୍ୟର ପ୍ରମୁଖ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ଏବେ ବାଘଶୂନ୍ୟ ହୋଇଯାଇଛି। ଏହି ସୂଚନା ଦେଇଛନ୍ତି ପିସିସିଏଫ ପ୍ରେମ କୁମାର ଝା। ଏଥିସହ ଆଗାମୀ ଦିନରେ ସାତକୋଶିଆକୁ କୌଣସି ବାଘ ଆଣିବାର ଯୋଜନା ମଧ୍ୟ ନାହିଁ। ୫ ବର୍ଷ ତଳେ ସାତକୋଶିଆରେ ବାଘ ଥିଲେ। କିନ୍ତୁ ଏବେ ଆଉ ଏଠାରେ ବାଘ ନ ଥିବା ସେ କହିଛନ୍ତି। ଏକଦା ଏହି ଅଭୟାରଣ୍ୟରେ ଗତ ୨୦୦୭ରେ ୧୨ଟି ବାଘ ଥିଲେ। କ୍ରମାଗତ ଭାବେ ଏହି ସଂଖ୍ୟା ହ୍ରାସ ପାଇ ଗତ ୨୦୧୮-୧୯ରେ ୧ରେ ପହଞ୍ଚିଯାଇଥିଲା। କିନ୍ତୁ ଗତ ୨୦୨୨ରେ ହୋଇଥିବା ଗଣନା ସମୟରେ ସେଠାରେ ଗୋଟିଏ ବି ବାଘ ନଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷରେ ରାଜ୍ୟର ଅନ୍ୟତମ ପ୍ରମୁଖ ବ୍ୟାଘ୍ର ଅଭୟାରଣ୍ୟ ଶିମିଳିପାଳରେ ଏବେ ୨ ପ୍ରକାରର ବାଘ ଅଛନ୍ତି। ସେଥି ମଧ୍ୟରୁ ଗୋଟିଏ ନର୍ମାଲ ଓ ଅନ୍ୟଟି ବ୍ଲାକ। ପ୍ରତି ୪ ବର୍ଷରେ ଥରେ ଏଠାରେ ବାଘ ଗଣନା କରାଯାଉଛି। ଏବେ ଶିମିଳିପାଳରେ ମୋଟ ୩୦ଟି ବାଘ ରହିଛନ୍ତି। ଜନ୍ମ ପରେ କୌଣସି ଶାବକକୁ ୨ ବର୍ଷ ହେବା ପରେ ତାକୁ ଗଣନାରେ ସାମିଲ କରାଯିବ ବୋଲି ପିସିସିଏଫ ଶ୍ରୀ ଝା କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଗୋପାଳପୁର ଏଲ୍‌ଏନ୍‌ଜି ପ୍ରକଳ୍ପରେ ମୋହର

## ୬୩୪୫ କୋଟି ନିବେଶ ହେବ

## ୩ ବର୍ଷରେ ନିର୍ମାଣ କରାଯିବ



**ଭୁବନେଶ୍ୱର, ୨୯।୭(ସଂଚାର ବ୍ୟୁରୋ):** ରାଷ୍ଟ୍ରାୟତ୍ତ କମ୍ପାନି ପେଟ୍ରୋନେଟ୍ ଏଲ୍‌ଏନ୍‌ଜି ପକ୍ଷରୁ ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ସ୍ଥାପନ କରାଯିବାକୁ ଥିବା ଏଲ୍‌ଏନ୍‌ଜି ଟର୍ମିନାଲ୍ ପ୍ରକଳ୍ପକୁ କମ୍ପାନି ବୋର୍ଡ ଅନୁମୋଦନ ପ୍ରଦାନ କରିଛି। କମ୍ପାନି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଗୋପାଳପୁର ଏଲ୍‌ଏନ୍‌ଜି ଟର୍ମିନାଲ୍ ପ୍ରକଳ୍ପରେ ୬,୩୫୪.୮୦ କୋଟି ଟଙ୍କା ନିବେଶ ହେବ। ପୂର୍ବ ଭାରତରେ ଏହା କମ୍ପାନିର ପ୍ରଥମ ନୂଆ ଏଲ୍‌ଏନ୍‌ଜି ଟର୍ମିନାଲ୍। ଏହି ପ୍ରକଳ୍ପ କାର୍ଯ୍ୟ ତିନି ବର୍ଷରେ ଶେଷ ହେବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ଗୋପାଳପୁରରେ କମ୍ପାନି ୪ ଏମ୍‌ଏମ୍‌ଟିପିଏ କ୍ଷମତାର ଏକ ଭାସମାନ ସଂରକ୍ଷଣ ଓ ରିଗ୍ୟାସିଫିକେସନ୍ ୟୁନିଟ୍ ବସାଇବାକୁ ଚାହୁଁଥିଲା। ସେଥିପାଇଁ ବୋର୍ଡର ଅନୁମୋଦନ ମଧ୍ୟ ମିଳିଥିଲା। କିନ୍ତୁ ତାହା ସମ୍ଭବ ହେଉନଥିବାରୁ କମ୍ପାନି ୫ ଏମ୍‌ଏମ୍‌ଟିପିଏର ଜମି ଭିତ୍ତିକ ଏଲ୍‌ଏନ୍‌ଜି ଟର୍ମିନାଲ୍ କରିବାକୁ ଚାହୁଁଛି। ପରିବର୍ତ୍ତିତ ପ୍ରକଳ୍ପ ଲାଗି ନିବେଶ ରାଶିକୁ କମ୍ପାନି ଉଭୟ ଋଣ ଓ ଇକ୍ୱିଟି ଜରିଆରେ ସଂଗ୍ରହ କରିବ। ଚଳିତ ବର୍ଷ ଏପ୍ରିଲ୍‌ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ପେଟ୍ରୋନେଟ୍ ଏଲ୍‌ଏନ୍‌ଜି ପକ୍ଷରୁ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଥିଲା। ପେଟ୍ରୋନେଟ୍ ଏଲ୍‌ଏନ୍‌ଜିର ଏମ୍‌ଡି ଓ ସିଇଓ ଅକ୍ଷୟ କୁମାର ସିଂହ ଓ ଇପିକଲ୍ ଓ ଇଡ୍‌କୋ ଏମ୍‌ଡି ଭୂପେନ୍ଦ୍ର ସିଂହ ପୁନିଆ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଦୀର୍ଘଦିନରୁ ପେଟ୍ରୋନେଟ୍ ଏଲ୍‌ଏନ୍‌ଜି ଓଡ଼ିଶାରେ ଏକ ଏଲ୍‌ଏନ୍‌ଜି ଟର୍ମିନାଲ୍ ନିର୍ମାଣ କରିବାକୁ ଉଦ୍ୟମ କରୁଛି। ଦଶନ୍ଧି ପୂର୍ବେ ଏହା ପାରାଦୀପ, ଗୋପାଳପୁର ଓ ଧାମରା ମଧ୍ୟରୁ ଯେକୌଣସି ଗୋଟିଏ ସ୍ଥାନ ଚୟନ କରିବାକୁ ଚାହୁଁଥିଲା। ଏହା ତିନି ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ମଧ୍ୟ କରିଥିଲା। ଶେଷରେ ଗୋପାଳପୁରକୁ କମ୍ପାନି ନିଜର ପ୍ରକଳ୍ପ ସ୍ଥାନ ଭାବେ ଚୟନ କରିଥିଲା।

ଦେଶର ଏଲ୍‌ଏନ୍‌ଜି ଆମଦାନି ଆବଶ୍ୟକତା ପୂରଣ କରିବା ଲାଗି ଚାରିଟି ତୈଳ କମ୍ପାନି ଓଏନ୍‌ଜିସି, ଆଇଓସିଏଲ୍, ଗେଲ୍ ଓ ବିପିସିଏଲ୍‌ର ମିଳିତ ସହଯୋଗରେ ୧୯୯୮ରେ ପେଟ୍ରୋନେଟ୍ ଏଲ୍‌ଏନ୍‌ଜି ସ୍ଥାପନ କରାଯାଇଥିଲା। ଏହାର ଦୁଇଟି ଏଲ୍‌ଏନ୍‌ଜି ଟର୍ମିନାଲ୍ ଦେଶର ପଶ୍ଚିମ ଭାଗରେ ଗୁଜରାଟର ଦହେଜ ଏବଂ ଦକ୍ଷିଣ ଭାଗରେ କେରଳର କୋଚିରେ ରହିଛି। ଗୋପାଳପୁର ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାପରେ କମ୍ପାନି ପୂର୍ବ ଭାରତରେ ଏହାର ଉପସ୍ଥିତି ଜାହିର କରିପାରିବ।

# ଗୋଟିଏ ସପ୍ତାହରେ ୪ କ୍ୱିଣ୍ଟାଲ ସୁନା କିଣିଲା ରିଜର୍ଭ ବ୍ୟାଙ୍କ




ମୁମ୍ବାଇ, ୨୯।୭: ଜୁନ୍ ୨୦୨୫ ଶେଷ ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପୁଣି ଥରେ ବିପୁଳ ପରିମାଣରେ ସୁନା କ୍ରୟ କରିଛି। ରିଜର୍ଭ ବ୍ୟାଙ୍କ ମାତ୍ର ଗୋଟିଏ ସପ୍ତାହରେ ପ୍ରାୟ ୪ କ୍ୱିଣ୍ଟାଲ (୦.୨ ଟନ୍) ସୁନା କିଣିଛି, ଯାହା ଦ୍ୱାରା ଦେଶର ମୋଟ ସୁନା ଭଣ୍ଡାର ୨୭ ଜୁନ୍ ସୁଦ୍ଧା ୮୭୯.୮ ଟନ୍ ହୋଇଛି। ଗୋଟିଏ ସପ୍ତାହ ପୂର୍ବରୁ ଏହି ସଂଖ୍ୟା ୮୭୯.୬ ଟନ୍ ଥିଲା। ଏହି କ୍ରୟ ଏପରି ସମୟରେ କରାଯାଇଛି ଯେତେବେଳେ ରିଜର୍ଭ ବ୍ୟାଙ୍କ ଏହି ଆର୍ଥିକ ବର୍ଷର ଆରମ୍ଭରେ ସୁନା କିଣିବା ବିଷୟରେ ଟିକେ ସତର୍କ ଥିଲା। କିନ୍ତୁ ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ଏବଂ ମୁଦ୍ରାସ୍ଫୀତି ବୃଦ୍ଧି ପାଇବାରୁ, ରିଜର୍ଭ ବ୍ୟାଙ୍କ ପୁଣି ଥରେ ସୁନା ଆଡ଼କୁ ମୁହାଁଇଛି। ଗତ କିଛି ବର୍ଷ ମଧ୍ୟରେ, ଭାରତୀୟ ରିଜର୍ଭ ବ୍ୟାଙ୍କର ଆଭିମୁଖ୍ୟ ସ୍ପଷ୍ଟ ଭାବରେ ଦେଖାଯାଉଛି, ସୁନା ଡଲାର କିମ୍ବା ଅନ୍ୟାନ୍ୟ ବିଦେଶୀ ମୁଦ୍ରା ଅପେକ୍ଷା ଏକ ଅଧିକ ନିର୍ଭରଯୋଗ୍ୟ ସମ୍ପତ୍ତି। ଏହି ଚିନ୍ତାଧାରା ଯୋଗୁଁ, ୨୦୨୪-୨୫ ପ୍ରଥମାର୍ଦ୍ଧରେ ସୁନା ଭାରତର ବିଦେଶୀ ମୁଦ୍ରା ଭଣ୍ଡାରର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅଂଶ ପାଲଟିଛି। ୧୮ ଜୁଲାଇ, ୨୦୨୫ ସୁଦ୍ଧା, ଭାରତର ବିଦେଶୀ ମୁଦ୍ରା ଭଣ୍ଡାରରେ ସୁନାର ଅଂଶ ୧୨.୧%କୁ ବୃଦ୍ଧି ପାଇଛି। ଯେଉଁଠାରେ ଠିକ୍ ଗୋଟିଏ ବର୍ଷ ପୂର୍ବେ, ଅର୍ଥାତ୍ ୧୯ ଜୁଲାଇ ୨୦୨୪ରେ, ଏହି ଅଂଶ ମାତ୍ର ୮.୯% ଥିଲା। ଅର୍ଥାତ୍, ଗୋଟିଏ ବର୍ଷରେ ସିଧାସଳଖ ୩.୨% ବୃଦ୍ଧି, ଯାହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ସୁନା ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଏବେ କେତେ ଗମ୍ଭୀର ରଣନୀତି ଗ୍ରହଣ କରୁଛି।

## ଆଜିର ସୁନା ଦର



ମଙ୍ଗଳବାର ପୁଣି ୧୧୦ ଟଙ୍କା ହ୍ରାସ ହୋଇଛି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୯,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୫୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୫୯୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୯,୮୨୦ ଓ ୯୧ ହଜାର ୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୬ ,୦୦୦ ଟଙ୍କା ହୋଇଛି।

# ରୋଜଗାର ଯୋଜନା ଅଟକଳ ଲକ୍ଷେ କୋଟି




**ଭୁବନେଶ୍ୱର, ୨୯।୭(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ଲାଗି ୧ ଲକ୍ଷ କୋଟି ଟଙ୍କାର ଅଟକଳ ଧାର୍ଯ୍ୟ କରାଯାଇଛି। ଉଭୟ ନିଯୁକ୍ତିଦାତା ଓ କର୍ମଚାରୀମାନଙ୍କ ହିତକୁ ଦୃଷ୍ଟିରେ ରଖି ଏହି ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିରେ ୩.୫ କୋଟି କର୍ମଚାରୀ ଉପକୃତ ହେବେ। ଯୋଜନାର ଦୁଇଟି ଭାଗ ରହିଛି। ପ୍ରଥମ ଭାଗ କର୍ମଚାରୀ ଓ ଦ୍ୱିତୀୟଟି ନିଯୁକ୍ତିଦାତାଙ୍କ ପାଇଁ ରହିଛି। ପ୍ରଥମ ଭାଗରେ ୧.୯୨ କୋଟି ଏବଂ ଦ୍ୱିତୀୟ ଭାଗରେ ୨.୬୦ କୋଟି କର୍ମଚାରୀ ଉପକୃତ ହେବେ ବୋଲି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଆଞ୍ଚଳିକ ଭବିଷ୍ୟନିଧି କମିସନର-୨ ମୌସୁମୀ ଲତା ପାଢ଼ୀ କହିଥିଲେ ଯେ ଏହି ଯୋଜନାରେ ବିନିର୍ମାଣ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ପ୍ରଥମ ଥର ଚାକିରିରେ ଯୋଗଦେଉଥିବା କର୍ମଚାରୀଙ୍କୁ ଏହି ଯୋଜନାରେ ଦୁଇଟି କିସ୍ତିରେ ୧୫ହଜାର ଟଙ୍କା ପର୍ଯ୍ୟନ୍ତ ବେତନ ପ୍ରଦାନ କରାଯିବ। କର୍ମଚାରୀଙ୍କ ଭିତରେ ସଞ୍ଚୟ ମନୋଭାବ ବଢ଼ାଇବା ଲାଗି ପ୍ରୋତ୍ସାହନ ରାଶିକୁ ଏକ ଜମା ଖାତାରେ ନିର୍ଦ୍ଦିଷ୍ଟ ଅବଧି ପାଇଁ ଜମା ରଖାଯିବ। ସେହି ସମୟ ଶେଷ ହେବା ପରେ ଟଙ୍କା ଉଠାଇହେବ। ସେହିପରି, ନିଯୁକ୍ତିଦାତାମାନେ ପ୍ରତି ଅତିରିକ୍ତ କର୍ମଚାରୀଙ୍କ ପାଇଁ ଛଅ ମାସ ପର୍ଯ୍ୟନ୍ତ ମାସିକ ୩୦୦୦ ଟଙ୍କା ପର୍ଯ୍ୟନ୍ତ ପାଇପାରିବେ। ଏହି ଅବସରରେ ଇପିଏଫ୍‌ଓର ନୋଡାଲ୍ ଅଫିସର୍ ଅଲେଖ ଚନ୍ଦ୍ର ସାହୁ, ସ୍ୱସ୍ତି ଗ୍ରୁପ୍‌ର ଭିପି ଶୁଭୋ ବିଶ୍ୱାସ ଓ ମହାପ୍ରବନ୍ଧକ (କର୍ପୋରେଟ୍ ଯୋଗାଯୋଗ) ନିହାର ରଞ୍ଜନ ସାହୁ ଉପସ୍ଥିତ ଥିଲେ।

**୩.୫ କୋଟି କର୍ମଚାରୀ ଉପକୃତ ହେବେ**

# ଆପୋଲୋ ହସ୍ପିଟାଲ୍‌ରେ ହେପାଟାଇଟିସ୍ ଦିବସ



ଭୁବନେଶ୍ୱର, ୨୯।୭: ଆପୋଲୋ ହସ୍ପିଟାଲ୍‌ରେ ବିଶ୍ୱ ହେପାଟାଇଟିସ୍ ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ରୋଗୀ, ଆଟେଣ୍ଡାଣ୍ଟ ଓ ସାଧାରଣ ଜନତା ଯୋଗଦେଇଥିଲେ। ହେପାଟାଇଟିସ୍‌ର ଯତ୍ନ ଉପରେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଓ ହେପାଟୋଲୋଜିର ବରିଷ୍ଠ କନ୍‌ସଲ୍‌ଟାଣ୍ଟ ଡାକ୍ତର ସୁଶାନ୍ତ ସେଠୀ ଓ ମେଡିକାଲ୍ ସୁପରିଟେଣ୍ଡେଣ୍ଟ ଶ୍ରୀମନନାରାୟଣ ମିଶ୍ର ଆଲୋକପାତ କରିଥିଲେ। ସେମାନେ ରୋଗର ବିଭିନ୍ନ ଲକ୍ଷଣ, ତାହାକୁ ଆଗୁଆ ଚିହ୍ନଟ କରିବା ଓ ନିୟମିତ ବ୍ୟବଧାନରେ ସ୍କ୍ରିନିଂର ଆବଶ୍ୟକତା ଉପରେ କହିଥିଲେ।

# ବ୍ୟାଙ୍କ ଅଫ୍ ବରୋଦାର ନିଟ୍ ଲାଭ ୪୫୪୧ କୋଟି

ମୁମ୍ବାଇ, ୨୯।୭: ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟାଙ୍କ ଅଫ୍ ବରୋଦା ୪୫୪୧ କୋଟି ଟଙ୍କାର ନିଟ୍ ଲାଭ କରିଛି ଯାହା ପୂର୍ବବର୍ଷ ସେହି ସମୟରେ ୪୪୫୮ କୋଟି ଟଙ୍କା ଥିଲା। ବ୍ୟାଙ୍କର ପରିଚାଳନା ଲାଭ ଏହି ସମୟରେ ୧୫ ପ୍ରତିଶତ ବଢ଼ି ୮୨୩୬ କୋଟି ଟଙ୍କା ହୋଇଛି। ବ୍ୟାଙ୍କର ଘରୋଇ ଅଗ୍ରୀମ ୧୨.୪ ପ୍ରତିଶତ ବୃଦ୍ଧି ପାଇ ୯,୯୧,୩୬୩ କୋଟି ଟଙ୍କା, ବିଶ୍ୱସ୍ତରୀୟ ଅଗ୍ରୀମ ୧୨.୬ ପ୍ରତିଶତ ବୃଦ୍ଧି ପାଇ ୧୨,୦୭,୦୫୬ କୋଟି ଟଙ୍କା, ଘରୋଇ ଜମା ୮.୧ ପ୍ରତିଶତ ବୃଦ୍ଧି ପାଇ ୧୨,୦୪,୨୮୩ କୋଟି ଟଙ୍କା ଏବଂ ବିଶ୍ୱସ୍ତରୀୟ ଜମା ୯.୧ ପ୍ରତିଶତ ବୃଦ୍ଧି ପାଇ ୧୪,୩୫,୬୩୪ କୋଟି ଟଙ୍କା ହୋଇଛି। ଆଲୋଚ୍ୟ ତ୍ରୈମାସିକରେ ବ୍ୟାଙ୍କର ଖୁଚୁରା ଋଣ ୧୭.୫ ପ୍ରତିଶତ ବଢ଼ିଛି। ବନ୍ଧକ ଋଣ ୧୮.୬ ପ୍ରତିଶତ, ଗାଡ଼ି ଋଣ ୧୭.୯ ପ୍ରତିଶତ, ଗୃହ ଋଣ ୧୬.୫ ପ୍ରତିଶତ, ଶିକ୍ଷା ଋଣ ୧୫.୪ ପ୍ରତିଶତ ଓ ବ୍ୟକ୍ତିଗତ ଋଣ ୧୯.୫ ପ୍ରତିଶତ ବଢ଼ିଛି। କୃଷି ଋଣ ୧୬.୨ ପ୍ରତିଶତ ବୃଦ୍ଧି ପାଇ ୧,୬୧,୭୬୪ କୋଟି ଟଙ୍କା ହୋଇଥିବା ବେଳେ ଏମ୍‌ଏସ୍‌ଏମ୍‌ଇ ଋଣ ୧୩.୧ ପ୍ରତିଶତ ବୃଦ୍ଧି ପାଇ ୧,୩୫,୬୬୦ କୋଟି ଟଙ୍କା ଏବଂ କର୍ପୋରେଟ୍ ଋଣ ୪.୨ ପ୍ରତିଶତ ବୃଦ୍ଧି ପାଇ ୩,୭୦,୨୬୬ କୋଟି ଟଙ୍କା ହୋଇଛି।

# ମଣିପାଲ ହସ୍ପିଟାଲ୍‌ରେ ଋତୁସ୍ରାବ ସମସ୍ୟାର ସମାଧାନ



ଭୁବନେଶ୍ୱର, ୨୯।୭: ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲ୍‌ରେ ଝାଡ଼ଖଣ୍ଡରୁ ଆସିଥିବା ୩ ଭଉଣୀଙ୍କ ଋତୁସ୍ରାବ ସମସ୍ୟାର ସମାଧାନ ହୋଇଛି। ଦୀର୍ଘ ୩୫ ବର୍ଷ ପରେ ସେମାନଙ୍କ ଋତୁସ୍ରାବ ହୋଇଛି। ସେମାନେ ହରମୋନ ଜନିତ ସମସ୍ୟା ପ୍ରାଇମେରି ଅମନୋରିଆରେ ପୀଡ଼ିତ ଥିଲେ। ୩୩ରୁ ୩୫ ବର୍ଷ ବୟସର ଏହି ତିନି ଭଉଣୀ ବିବାହ କରିଥିଲେ। କିନ୍ତୁ ସନ୍ତାନ ସୁଖରୁ ବଞ୍ଚିତଥିଲେ। ସେମାନେ ଜଣେ ମହିଳାଙ୍କଠାରୁ ମଣିପାଲ ହସ୍ପିଟାଲ୍‌ର ଡାକ୍ତର ମୋନିକା ଗୁପ୍ତାଙ୍କ ବିଷୟରେ ଶୁଣି ଭୁବନେଶ୍ୱର ଆସିଥିଲେ। ଡାକ୍ତର ଗୁପ୍ତା ସେମାନଙ୍କ ସବୁ ପରୀକ୍ଷା କରିବା ପରେ ସମସ୍ୟା ଜାଣିପାରିଥିଲେ। ପ୍ରଥମେ ବଡ଼ ଭଉଣୀଙ୍କ ହରମୋନ୍ ଚିକିତ୍ସା ହୋଇଥିଲେ। ପରେ ଅନ୍ୟ ଦୁଇ ଭଉଣୀଙ୍କ ଚିକିତ୍ସା ହୋଇଥିଲା। ଆଇଭିଏଫ୍ ଚିକିତ୍ସା ଜରିଆରେ ଏବେ ଦୁଇ ଜଣ ଭଉଣୀ ଗର୍ଭବତୀ ଅଛନ୍ତି। ଗତ ୩୦ ବର୍ଷ ଭିତରେ ସେମାନେ ଯାହା ସ୍ୱପ୍ନରେ ଭାବି ନଥିଲେ ତାହା ପାଇଛନ୍ତି। ଏ ସମ୍ପର୍କରେ ଡାକ୍ତର ଗୁପ୍ତା କହିଛନ୍ତି ଯେ ପ୍ରାଇମେରି ଅମନୋରିଆ କୌଣସି ଅଭିଶାପ ନୁହେଁ। ଏହାର ସଠିକ୍ ଚିକିତ୍ସାକୁ ଗୁରୁତ୍ୱ ଦିଆଯିବ ଉଚିତ୍। ଆମ ପାଖରେ ଏବେ ଏଭଳି ପ୍ରଯୁକ୍ତି ରହିଛି ଯାହା ଜରିଆରେ ମହିଳାମାନେ ମାତୃତ୍ୱ ଲାଭ କରିପାରିବେ। ସମସ୍ୟାର ସଠିକ୍ ଚିହ୍ନଟ ଓ ଚିକିତ୍ସା ଦ୍ୱାରା ଅସମ୍ଭବକୁ ସମ୍ଭବ କରିହେବ ବୋଲି ଏହି ଘଟଣା ଦର୍ଶାଉଥିବା ସେ କହିଛନ୍ତି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୨ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୦ ପଇସା ରହିଛି।



# ଟିସିଏସ୍ ଛଟେଇ ଉପରେ କେନ୍ଦ୍ରର ନଜର




**ନୂଆଦିଲ୍ଲୀ, ୨୯।୭:** ଦେଶର ଅଗ୍ରଣୀ ସଫ୍ଟୱେର କମ୍ପାନି ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍) ୧୨ ହଜାର କର୍ମଚାରୀ ଛଟେଇ କରିବାକୁ ଘୋଷଣା କରିବା ପରେ ଘଟଣା ଉପରେ କେନ୍ଦ୍ର ସରକାରଙ୍କ ଆଇଟି ମନ୍ତ୍ରଣାଳୟ ନଜର ରଖିଥିବା କହିଛି। ନିଯୁକ୍ତି ସଂଯୁକ୍ତ ସ୍କିମ୍ ଜରିଆରେ ସରକାର ରୋଜଗାର ସୁଯୋଗ ବଢ଼ାଇବାକୁ ଉଦ୍ୟମ କରୁଥିବା ବେଳେ ଆଇଟି କ୍ଷେତ୍ରରେ ଏଭଳି ବଡ଼ ଧରଣର ଛଟେଇ ଚିନ୍ତାର କାରଣ ପାଲଟିଛି। ମନ୍ତ୍ରଣାଳୟ ପକ୍ଷରୁ କମ୍ପାନି ସହ ଆଲୋଚନା ମଧ ହୋଇଛି। କେଉଁ କାରଣ ପାଇଁ କମ୍ପାନି ଛଟେଇ କରିବାକୁ ଚାହୁଁଛି, ତାହା ସରକାର ଜାଣିବାକୁ ଚାହୁଁଛନ୍ତି। ଟିସିଏସ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ପ୍ରଭାବ ପାଇଁ ଏହି ଛଟେଇ ହେଉନାହିଁ। ଟିସିଏସ୍‌ରେ ୬,୧୩,୦୬୯ କର୍ମଚାରୀ କାମ କରୁଛନ୍ତି। ଚଳିତ ବର୍ଷ ଏପ୍ରିଲ୍-ଜୁନ୍ ତ୍ରୈମାସିକରେ କମ୍ପାନି ୫୦୦୦ ନୂଆ କର୍ମଚାରୀଙ୍କୁ ଯୋଡ଼ିଥିଲା। ଏହାସତ୍ତ୍ୱେ କାହିଁକି ୧୨ ହଜାର କର୍ମଚାରୀଙ୍କୁ ବିଦା କରିବାକୁ କମ୍ପାନି ନିଷ୍ପତ୍ତି ନେଇଛି, ତାହା ସରକାର ଜାଣିବାକୁ ଚାହୁଁଛନ୍ତି। ଏହି ଛଟେଇ ଖବର ଭାରତୀୟ ଆଇଟି ଶିଳ୍ପରେ ହୋଇଥିବା ପରିବର୍ତ୍ତନକୁ ଦର୍ଶାଉଛି। ଏକଦା ନିଯୁକ୍ତି ସୃଷ୍ଟିରେ ପ୍ରମୁଖ ଭୂମିକା ତୁଲାଇଥିବା ଏହି କ୍ଷେତ୍ର ନିଜର ଚମକ ହରାଇବା ଭଳି ମନେ ହେଉଛି। ଅଧିକାଂଶ କମ୍ପାନି ନୂଆ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ଦେଇ ସେମାନଙ୍କୁ କାମ କରିବାର ସୁଯୋଗ ଦେଉନାହାନ୍ତି। ଏଆଇ ବ୍ୟବହାର ତ୍ୱରାନ୍ୱିତ ହେବା ପରେ ସୂଚନା ପ୍ରଯୁକ୍ତି ଦୁନିଆରେ ଅନେକ ପରିବର୍ତ୍ତନ ହୋଇଥିବା ବିଷୟକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଚାକିରିକୁ ଏଆଇ ପ୍ରଭାବିତ କରିବ ବୋଲି ୭୪ ପ୍ରତିଶତ ଭାରତୀୟ ଭାବୁଛନ୍ତି। ନିଯୁକ୍ତି ସୂଚନା ଦେଉଥିବା ପ୍ଲାଟଫର୍ମଗୁଡ଼ିକରେ ଏଆଇ ନିଯୁକ୍ତି ସଂଖ୍ୟା ବଢ଼ୁଥିବା ବେଳେ ପାରମ୍ପରିକ ଦକ୍ଷତା ଆଧାରିତ ନିଯୁକ୍ତି ସ୍ଥିର ରହିଛି। ଟିସିଏସ୍‌ରୁ ଆରମ୍ଭ ହୋଇଥିବା ଛଟେଇ ପର୍ବ ଆଗାମୀ ଦିନରେ ସମଗ୍ର ଭାରତୀୟ ଆଇଟି ଶିଳ୍ପକୁ ପ୍ରଭାବିତ କରିବା ଆଶଙ୍କା କରାଯାଉଛି।


# ପଲ୍ ରାଜେନ୍ଦ୍ର ଲାକ୍ରା ଭୁବନେଶ୍ୱର ସୀମାଶୁଳ୍କ ଓ ପରୋକ୍ଷ ଟିକସ ଜୋନ୍‌ର ମୁଖ୍ୟ ଆୟୁକ୍ତ



**ଭୁବନେଶ୍ୱର, ୨୯।୭ (ସଂଚାର ବ୍ୟୁରୋ):** ୧୯୯୨ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା ଅଧିକାରୀ (ଆଇଆର୍‌ଏସ୍) ପଲ୍ ରାଜେନ୍ଦ୍ର ଲାକ୍ରା ଭୁବନେଶ୍ୱର ସୀମା ଶୁଳ୍କ ଓ ପରୋକ୍ଷ ଟିକସ ଜୋନ୍‌ର ମୁଖ୍ୟ ଆୟୁକ୍ତ ଭାବେ ଯୋଗଦେଇଛନ୍ତି। ଚଳିତ ବର୍ଷ ଜୁଲାଇରେ ମୁଖ୍ୟ ଆୟୁକ୍ତ ଭାବେ ପଦୋନ୍ନତି ପାଇବା ପୂର୍ବରୁ ସେ ଗୁରୁଗ୍ରାମ ଓ କୋଚିରେ ଆୟୁକ୍ତ ଓ ପ୍ରଧାନ ଆୟୁକ୍ତ ଭାବେ କାର୍ଯ୍ୟ କରୁଥିଲେ। ପରୋକ୍ଷ ଟିକସ ନିୟମ, ସୀମା ଶୁଳ୍କ ଏବଂ ଆର୍ଥିକ ନୀତି ଉପରେ ତାଙ୍କର ଗଭୀର ଅଭିଜ୍ଞତା ରହିଛି। ୨୦୧୫ରୁ ୨୦୧୭ ପର୍ଯ୍ୟନ୍ତ ସେ ଭୁବନେଶ୍ୱରର ଅପିଲ୍ କମିସନରେଟ୍‌ରେ ଅପିଲ୍ ଆୟୁକ୍ତ ଭାବେ କାର୍ଯ୍ୟ କରୁଥିଲେ।

# ଆଲେନ୍ ଛାତ୍ରଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା





କୋଟା, ୨୯।୭: ଗତ ରବିବାର ପ୍ରସାରିତ ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍‌ର ଦୁଇ ଜଣ ଛାତ୍ର ଦେବେଶ ପଙ୍କଜ ଓ ଦେବଦତ୍ତା ପ୍ରିୟଦର୍ଶୀଙ୍କୁ ପ୍ରଶଂସା କରିଥିଲେ। ଅନ୍ତର୍ଜାତୀୟ ରସାୟନ ବିଜ୍ଞାନ ଅଲିମ୍ପିଆଡ୍‌ରେ ଦେବେଶ ସ୍ୱର୍ଣ୍ଣ ଓ ଦେବଦତ୍ତା ରୌପ୍ୟ ପଦକ ଜିତିଥିଲେ। ୟୁଏଇରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତର ୪ ଛାତ୍ରଛାତ୍ରୀ ପ୍ରତିନିଧିତ୍ୱ କରିଥିବା ବେଳେ ସେଥିରୁ ଦୁଇ ଜଣ ଆଲେନ୍‌ର ଛାତ୍ରଛାତ୍ରୀ ଥିଲେ। ଏହି ଅବସରରେ ଆଲେନ୍‌ର ସିଇଓ ନିତୀନ କୁକ୍‌ରେଜା କହିଛନ୍ତି ଯେ ଜାତୀୟ ଓ ଅନ୍ତର୍ଜାତୀୟ ଅଲିମ୍ପିଆଡ୍‌ରେ ଦେଶର ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଆଗକୁ ଆଣିବାକୁ ଆଲେନ୍ ସବୁ ପ୍ରକାର ପ୍ରୟାସ କରୁଛି। ୨୦୧୩ରେ ଆଲେନ୍ ଅଲିମ୍ପିଆଡ୍ ପ୍ରସ୍ତୁତି ଆରମ୍ଭ କରିଥିଲା। ୨୦୨୪ରେ ବିଭିନ୍ନ ଅଲିମ୍ପିଆଡ୍‌ରେ ଆଲେନ୍‌ର ଛାତ୍ରଛାତ୍ରୀମାନେ ୬୯ ସ୍ୱର୍ଣ୍ଣ, ୫୪ ରୌପ୍ୟ ଓ ୧୨ ବ୍ରୋଞ୍ଜ ପଦକ ଜିତିଥିଲେ। ଅନ୍ତର୍ଜାତୀୟ କନିଷ୍ଠ ବିଜ୍ଞାନ ଅଲିମ୍ପିଆଡ୍‌ରେ ସର୍ବାଧିକ ୩୮ଟି ସ୍ୱର୍ଣ୍ଣ ପଦକ ମିଳିଛି ବୋଲି ସେ କହିଛନ୍ତି।

# ବନ୍ୟାପାଣିରେ ଦୁର୍ଦ୍ଦଶା ଭୋଗୁଛନ୍ତି ବାଲିଆପାଳବାସୀ

**ଇତିହାସ ରଚିଲା ସୁବର୍ଣ୍ଣରେଖା ବନ୍ୟା**

**ଦେଢମାସ ଭିତରେ ୫ଥର ବନ୍ୟା**

**୫୦ ଗ୍ରାମର ୬୦ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ**



**ବାଲିଆପାଳ,୨୯।୭ (ସଂଚାର ବ୍ୟୁରୋ):** ଇତିହାସ ରଚିଲା ସୁବର୍ଣ୍ଣରେଖା ନଦୀର ବନ୍ୟା। ୧୦୦ ବର୍ଷ ଇତିହାସରେ ଏମିତି ବନ୍ୟା ଦେଖି ନାହାନ୍ତି ବାଲିଆପାଳବାସୀ। ଦେଢ଼ ମାସ ଧରି ବନ୍ୟାପାଣି ଛାଡିବାର ନା ଧରୁ ନାହିଁ। ଚଳିତ ବର୍ଷ ୪୦ ଦିନ ଭିତରେ ଥରେ କି ଦୁଇଥର ନୁହଁ ପାଞ୍ଚ ପାଞ୍ଚଥର ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିଛି। ଝାଡଖଣ୍ଡରେ ଲଗାଣ ବର୍ଷା ଏବଂ ଏହାର ଉଦବୃତ୍ତ ବନ୍ୟା ପାଣି ଯୋଗୁଁ ଏମିତି ପରିସ୍ଥିତି ଉପୁଜୁଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଆଗରୁ ବନ୍ୟା ଆସିଛି ସତ କିନ୍ତୁ ଏମିତି ନୁହଁ। ବର୍ଷକରେ ସର୍ବାଧିକ ଦୁଇରୁ ତିନିଥର ବନ୍ୟା ଆସିଥାଏ ତାହା ପୁଣି ୧୫ ଦିନ, ମାସେ କିମ୍ବା ଦୁଇମାସ ଅନ୍ତରରେ।

ତେବେ ଚଳିତ ବର୍ଷ ବନ୍ୟା ସବୁ ରେକର୍ଡ ଭାଙ୍ଗି ଦେଇଛି। ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟା ଜୁନ ୨୦ ତାରିଖରେ ଆସିଥିବା ବେଳେ ଜୁନ ୩୦ରେ ଦ୍ୱିତୀୟ ବନ୍ୟା, ଜୁଲାଇ ୮ରେ ତୃତୀୟ ବନ୍ୟା, ଜୁଲାଇ ୧୭ରେ ଚତୁର୍ଥ ଏବଂ ୨୬ରେ ପଞ୍ଚମ ଥର ପାଇଁ ବନ୍ୟା ଆସିଛି। ଗୋଟିଏ ପ୍ରକାର କହିବାକୁ ଗଲେ ବନ୍ୟା ପାଣି ଜୁନ ୨୦ରୁ ଅଦ୍ୟାବଧି ସଂପୂର୍ଣ୍ଣ ଛାଡିନାହିଁ। ଝାଡଖଣ୍ଡର ବନ୍ୟା ପାଣି ପାଇଁ ବାରମ୍ବାର ଲୋକେ ଦୁର୍ଦ୍ଦଶା ଭୋଗୁଥିବାରୁ ଲୋକେ ଏହି ବନ୍ୟା ପାଇଁ ପ୍ରଶାସନକୁ ଦାୟୀ କଲେଣି। ଉତ୍ତର ବାଲେଶ୍ୱରର ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ବ୍ଲକ ସର୍ବାଧିକ କ୍ଷତି ହେଉଛି। ଏହା ଫଳରେ କେବଳ ବାଲିଆପାଳ ବ୍ଲକର ୯ଟି ପଞ୍ଚାୟତର ୫୦ ରୁ ଉର୍ଦ୍ଧ୍ୱ ଗ୍ରାମର ୬୦ ହଜାର ଜନସାଧାରଣ ଏବଂ ୨୦ ହଜାରରୁ ଉର୍ଦ୍ଧ୍ୱ ଗୃହପାଳିତ ପଶୁ ଯନ୍ତ୍ରଣା ଭୋଗୁଛନ୍ତି। ଚାଷ ବାସ ସବୁ କିଛି ଉଜୁଡ଼ିଯାଇଛି। ଜୀବନ ଜିବିକା ଉପରେ ପଡ଼ିଛି ଏହାର ପ୍ରଭାବ।ଚାଷ ଏବଂ ଦିନ ମଜୁରୀ ଲାଗି ପରିବାର ପ୍ରତିପୋଷଣ କରୁଥିବା ଲୋକେ ବର୍ଷ ତମାମା ନିଜର ପରିବାର ମୁହଁରେ କିଭଳି ଦାନା ଯୋଗାଇବେ କିପ,ରି ଋଣ ପରିଶୋଧ କରିବେ ସେହି ଚିନ୍ତାରେ ତାଙ୍କର ଆଖିରେ ନିନ୍ଦ ନାହିଁ। ସରକାରଙ୍କର ଲୋକ ଦେଖାଣିଆ ଚୁଡା ଚାଉଳ ଦରଦ ଲୋକେ ଏବେ ଖୋଜୁନଥିବା କହିବା ସହ ଏହାର ସ୍ଥାୟୀ ପ୍ରତିକାର ପାଇଁ ଲୋକେ ସରକାରଙ୍କୁ ନେହୁରା ହୋଇଛନ୍ତି।

## ଛୁଆଙ୍କୁ ଘାରିଛି ମୋବାଇଲ୍ ନିଶା



**କୋଲନରା,୨୯।୭ (ସଂଚାର ବ୍ୟୁରୋ):** ଆଜିକାଲି ବୁଢ଼ା ଠାରୁ ଛୁଆ ସମସ୍ତଙ୍କୁ ଘାରିଛି ମୋବାଇଲ ନିଶା । ଏମିତିକି ଛୋଟ ଛୁଆ ମୋବାଇଲ୍ ନ ଦେଖିଲେ ଖାଇବା ଖାଉ ନାହାନ୍ତି । ଯୁବପିଢ଼ି ଫ୍ରି ଫାୟାର୍ ପବ୍‌ଜି ଗେମ୍‌ରେ ମତୁଆଲା ହୋଇ ଦିନ ରାତି ମୋବାଇଲ୍‌ରେ ବ୍ୟସ୍ତ ରହୁଛନ୍ତି । ଯାହା ଫଳରେ ଶାରୀରିକ ଓ ମାନସିକ ଠିକ୍ ଭାବେ ବିକଶିତ ହୋଇପାରୁନି । ମୋବାଇଲ୍ ପାଇଁ ପାଠପଢ଼ା ଠାରୁ ଆରମ୍ଭ କରି ଦିନଚର୍ଯ୍ୟା ମଧ ପ୍ରଭାବିତ ହେଉଛି । ଏଣୁ ସମସ୍ତ ପରିବାର ବର୍ଗ ଏଥିପ୍ରତି ଧ୍ୟାନ ଦେଇ ଛଟ ଛୁଆ ମାନଙ୍କୁ ମୋବାଇଲ୍ ଠାରୁ ଦୂରରେ ରଖିବା ଆବଶ୍ୟକତା ରହିଛି ।

## ସାମ୍ବାଦିକକୁ ଗାଳିଗୁଲଜ, ଥାନାରେ ମାମଲା

**ହିଞ୍ଜିଳିକାଟୁ,୨୯।୭ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ଥାନା ସୋମପୁର ନିକଟରେ ଥିବା ଏକ "ଷ୍ଟାର ଇନ୍" ହୋଟେଲ ମାଲିକ ହିଞ୍ଜିଳି ବ୍ଲକର ସାମ୍ବାଦିକ ବି ରାଜେଶ ସୁବୁଦ୍ଧିଙ୍କୁ ମୋବାଇଲରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଭିତ୍ତିରେ ପୁଲିସ୍ ହିଞ୍ଜିଳି ଥାନା କେଶ ନଂ-୫୯୦/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ , ସାମ୍ବାଦିକ ବି .ରାଜେଶ ଗତ ଶନିବାର ଦିନ ସୋମପୁର ନିକଟ ତଥା ୫୯ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଷ୍ଟାର ଇନ୍ ହୋଟେଲକୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଯାଇଥିଲେ। ସେଇ ହୋଟେଲରେ ଶିଶୁମାନେ ଶ୍ରମିକ ଭାବେ କାମ କରୁଥିବା ନଜରକୁ ଆସିଥିଲା। ପରେ ରବିବାର ଦିନ ବି. ରାଜେଶ ହୋଟେଲ ମାଲିକଙ୍କୁ ଫୋନ୍ ମାଧ୍ୟମରେ ଜଣାଇଥିବା ବେଳେ ହୋଟେଲ ମାଲିକ ମିଟୁ ବିଶ୍ୱାଳ ଉତ୍ତେଜିତ ହୋଇ ସାମ୍ବାଦିକ ବି. ରାଜେଶଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ତେବେ ଏନେଇ ବି. ରାଜେଶ ସୋମବାର ଦିନ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିବା ବେଳେ ଥାନା ଅଧିକାରୀ ଶ୍ରୀନିବାସ ସେଠୀଙ୍କ ନିର୍ଦ୍ଦେଶରେ ତଦନ୍ତକାରୀ ଅଧିକାରୀ ଏଏସଆଇ ମନୋଜ କୁମାର ସେନାପତି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ମାନେ ଏହାକୁ ନିନ୍ଦା କରିଛନ୍ତି ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



**ଦଶରଥପୁର,୨୯।୭ (ସଂଚାର ବ୍ୟୁରୋ):** ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ବୃତ୍ତିଗତ ସମସ୍ୟା ଓ କେତେକ ନ୍ୟାର୍ଯ୍ୟ ଦାବିନେଇ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ଶାଖା ନିଷ୍ପତ୍ତି କ୍ରମେ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ନେତୃତ୍ୱରେ ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦ୍ୟେଶ୍ୟରେ ଯାଜପୁରର ନୂତନ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରଚଳିତ ସ୍ୱାସ୍ଥ୍ୟବିମା ଯୋଜନାକୁ ୫ରୁ ୧୦ ଲକ୍ଷକୁ ବୃଦ୍ଧି ସହିତ ସେଥିରେ ପିତାମାତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ,ବୃଦ୍ଧ ସାମ୍ବାଦିକ ମାନଙ୍କୁ ଦେଶର ଅନ୍ୟ ୧୮ଟି ରାଜ୍ୟପରି ମାସିକ ୧୫ ହଜାର ଟଙ୍କା ପେନସନ ପ୍ରଦାନ,ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପରି ଦାବି ପୁରଣ ପାଇଁ ଏହି ଦାବିପତ୍ର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଅଛି।

## ସିଡ଼ିଏମ୍‌ଓ କାର୍ଯ୍ୟାଳୟ ସମ୍ମୁଖରେ ଅଲ୍ ଓଡିଶା ହସ୍ପିଟାଲ କର୍ମଚାରୀ ସଂଘର ବିକ୍ଷୋଭ

**ରାୟଗଡ଼ା,୨୯।୭ (ସଂଚାର ବ୍ୟୁରୋ):** ଅଲ୍ ଓଡିଶା ହସ୍ପିଟାଲ କର୍ମଚାରୀ ସଂଘ (ସଂଲଗ୍ନ ଭାରତୀୟ ମଜଦୂର ସଂଘ) ରାୟଗଡା ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାରେ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରତ ସଫେଇ ଓ ହାଉସ କିପିଙ୍ଗ୍ କର୍ମଚାରୀ ମାନଙ୍କ ସମସ୍ୟାକୁ ନେଇ ବାରମ୍ବାର ଲିଖିତ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାର କୌଣସି ସମାଧାନ ହୋଇପାରିଲାନାହିଁ। ତେଣୁ ଦାବି ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ସଂଘ ପକ୍ଷରୁ ଶ୍ରୀମତୀ ନେହା ସିଂ ଏବଂ ଶ୍ରୀମତୀ କସ୍ତୁରୀ ନାୟକଙ୍କ ନେତୃତ୍ୱରେ




ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୂର ସଂଘର ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ , ଉପସଭାପତି ଦୂର୍ଗା ମାଧବ ଘୋଷଙ୍କ ତତ୍ତ୍ୱାବଧାନରେ ଆଜି ବାରିଝୋଲା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟ ଚିକିତ୍ସା ଅଧିକାରିଣୀ ଭି ସରୋଜିନୀଙ୍କୁ ୮ ଦଫା ଦାବି ପତ୍ର ପ୍ରଦାନ କରିଥିଲେ। ଯଦି ଏହାର କୌଣସି ସମାଧାନ କରା ନ ଯାଏ ତେବେ ସଂଘ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବ। ଏଥିରେ ଯଦି କୌଣସି ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୁଏ ତେବେ ହସ୍ପିଟାଲ କର୍ତ୍ତୃପକ୍ଷ ସମ୍ପୁର୍ଣ୍ଣ ରୁପେ ଦାଇ ରହିବେ ବୋଲି ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ପ୍ରକାଶ କରିଥିଲେ।

**ବିଷ୍ଣୁପୁର ପଞ୍ଚାୟତରେ ରିଲିଫ ଚାଉଳକୁ ନେଇ ତୁମୂଳକାଣ୍ଡ**

## ଚାଉଳ ଚୋରି ଅଭିଯୋଗରେ ୩ ଅଟକ

**ବାଲିଆପାଳ,୨୯।୭ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତରେ ବନ୍ୟା ପାଇଁ ଆସିଥିବା ରିଲିଫ ଚାଉଳକୁ ନେଇ ତୁମୁଳ କାଣ୍ଡ ଦେଖିବାକୁ ମିଳିଛି। ଏହାକୁ ନେଇ ଶାସକ ଏବଂ ବିରୋଧି ମୁହାଁ ମୁହିଁ ହୋଇଛନ୍ତି। ରାତିରେ ଚାଉଳ ଚୋରି କରିବା ଉଦ୍ୟମ କରୁଥିବା ଅଭିଯୋଗରେ ବାଲିଆପାଳ ପୁଲିସ ୩ ଜଣଙ୍କୁ ଥାନାରେ ଅଟକ ରଖିଛି। ଅନ୍ୟପଟରେ ବିଜେଡି ପକ୍ଷରୁ ବନ୍ୟା ଚାଉଳ ହଡପ ପାଇଁ ମସୁଧାକୁ ପଣ୍ଡ କରିବା ପାଇଁ ଚାଉଳ ଥିବା ସ୍ଥାନରେ ଜଗିରହିଥିବା ବିଜେଡି କର୍ମୀଙ୍କ ନାମରେ ମିଥ୍ୟା ଆରୋପ ଲଗାଇ ଥାନାକୁ ଅଣାଯାଇଛି ଏବଂ ଗଚ୍ଛିତ ଚାଉଳ ଯାଞ୍ଚ ପାଇଁ ଆଜି ଏକାଧିକ ଗ୍ରାମବାସୀ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆଜି ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ,

**ଚାଉଳ ହଡପ ଅଭିଯୋଗ ପରେ ତଦନ୍ତ କଲା ପ୍ରଶାସନ**

**ସନ୍ଦେହ ଘେରରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରିଙ୍କ ଭୂମିକା**

ବିଡିଓ ରାଧାରଞ୍ଜନ ଦାସ, ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ପ୍ରମୁଖ ଗଚ୍ଛିତ ଚାଉଳ ବସ୍ତା ଗଣତି କରିଥିବା ଜଣାଯାଇଛି।

ତେବେ ସକାଳ ଠାରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗାଣ ବିଭାଗ ଅଧିକାରୀଙ୍କୁ ୧୫ କୁଇଣ୍ଟାଲ ଚାଉଳ ଗଛିତ ଥିବା କହି ଆସୁଥିବା ବେଳେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଗଣତି ସମୟରେ ୧୭୪ କୁଇଣ୍ଟାଲ ଚାଉଳ ମହଜୁଦ ଥିବା ସୂଚନା ମିଳିଛି। ତେବେ ଏହାକୁ ନେଇ ଏବେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭୁରାମ ଦେଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ପଞ୍ଚାୟତବାସୀ ପକ୍ଷରୁ ଏହି ଚାଉଳକୁ ବାଟମରଣା ପାଇଁ ରଖାଯାଇଥିବା ନେଇ ଉଭୟ ସରପଞ୍ଚ ଏବଂ ପିଇଓଙ୍କୁ ଦାୟୀ କରିଛନ୍ତି। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି।

## କାର୍ଯ୍ୟରେ ଯୋଗଦେଲେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ



**ଫୁଲବାଣୀ,୨୯।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବରେ ଶ୍ରୀ ବେଦ ଭୂଷଣ ଆଜି ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ , ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇବା ସହିତ ନିଜ ନିଜ ବିଭାଗରେ ଚାଳିଥିବା କାର୍ଯ୍ୟକ୍ରମ ମାନ ଜିଲ୍ଲାପାଳ ମହୋଦୟ ଙ୍କୁ ଅବଗତ କରାଇବା ସହିତ ଆଲୋଚନା କରିଥିଲେ। ଅପରାହ୍ନରେ ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପଲାବୁରୁଡି ପଞ୍ଚାୟତର ଅଟାଶାମ୍ବୁ ଗ୍ରାମରେ ଥିବା ଆଇଟିଡିଏର ଡ୍ରାଗନ୍ ଫଳ ବଗିଚାକୁ ଯାଇଥିଲେ। ସେଠାରେ ଡବ୍ଲୁଏସଏଚ୍‌ଜି ସଦସ୍ୟ ଏବଂ ସ୍ଥାନୀୟ ପିଆରଆଇ ସଦସ୍ୟମାନଙ୍କ ସହିତ ବଗିଚା ଏବଂ ଜୀବିକା ସମ୍ବନ୍ଧୀୟ କାର୍ଯ୍ୟକଳାପ ବିଷୟରେ ଆଲୋଚନା କରିଥିଲେ। ପରେ ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପଲାବୁରୁଡି ପଞ୍ଚାୟତର ନେଡିପଦର ଗ୍ରାମରେ ମନୋରେଗା ଅଧୀନରେ ନିର୍ମିତ ୨ଟି ଚେକ୍ ଡ୍ୟାମ୍ ପରିଦର୍ଶନ କରିଥିଲେ, ଫିରିଙ୍ଗିଆ ବ୍ଲକର କାସିନିପଦର ପଞ୍ଚାୟତର ଥିବା ସ୍ୱାସ୍ଥ୍ୟ ସବ୍ ସେଣ୍ଟର ପରିଦର୍ଶନ କରିଥିଲେ ଏବଂ ପିଏଚ୍‌ଓଙ୍କ ସହିତ ଆଇଏମଆର, ଏମ୍‌ଏମ୍‌ଆର, ଅନୁଷ୍ଠାନିକ ପ୍ରସବ ବିଷୟରେ ଆଲୋଚନା କରିଥିଲେ ଏବଂ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ପଚାରି ବୁଝିଥିଲେ, ଫୁଲବାଣୀ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରି ଡାକ୍ତର ଏବଂ ପାରାମେଡିକାଲ୍ କର୍ମଚାରୀଙ୍କ ସହିତ କଥାବାର୍ତ୍ତା କରିଥିଲେ, ଫୁଲବାଣୀ ଡିଆରଟି ଆଇନ ସେବା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ପୋକ୍ଷ ଏବଂ ଏସ୍‌ସି ଏସ୍‌ଟି ଅତ୍ୟାଚାର ଆଇନ ଉପରେ ସଚେତନତା ଶିବିରରେ ଯୋଗ ଦେଇଥିଲେ, କନ୍ଧମାଳ ର ଡିଏଚ୍‌ଏଚ୍‌କୁ ଯାଇ ଡାକ୍ତର, ପାରାମେଡିକାଲ୍ କର୍ମଚାରୀ ଏବଂ ରୋଗୀମାନଙ୍କ ସହିତ କଥାବାର୍ତ୍ତା କରିଥିଲେ ଏବଂ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ, ଫୁଲବାଣୀ ପରିଦର୍ଶନ କରିଥିଲେ ।

## ଭିନ୍ନକ୍ଷମ ସୁଭଦ୍ରାଙ୍କୁ ମିଳୁନି ଭତ୍ତା ଓ ଟ୍ରାଇ ସାଇକେଲ

**କନ୍ଧମାଳ,୨୯।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ କପୁଗୁଡ଼ା ଗ୍ରାମର ଭିନ୍ନକ୍ଷମ ସୁଭଦ୍ରା ପ୍ରଧାନ ଦୀର୍ଘ ସାତ ବର୍ଷ ହେବ ଦୁଇଟି ଗୋଡ଼ ଅଚଳ ହୋଇ ପଡ଼ି ରହିଥିବାରୁ ପରିବାର ର ଏକମାତ୍ର ରୋଜଗାର ସ୍ତ୍ରୀ ହୋଇ ଥିବାରୁ ବର୍ତ୍ତମାନ ଚାରି ସଦସ୍ୟ ଚଳିବା କଷ୍ଟ ବୋଲି କହିଛନ୍ତି । ଅନ୍ୟ ପଟେ ସରକାର ଭିନ୍ନକ୍ଷମଙ୍କ ପରିବାର କୁ ଭତ୍ତା ଓ ଟ୍ରାଇ ସାଇକେଲ ଯୋଗାଇ ଦେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ଭତ୍ତା ଓ ଟ୍ରାଇ ସାଇକେଲ ପାଇବାରୁ ବଞ୍ଚିତ ଅଛନ୍ତି ସୁଭଦ୍ରା ପ୍ରଧାନ। ଭିନ୍ନକ୍ଷମ ଭତ୍ତା ଓ ଟ୍ରାଇ ସାଇକେଲ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ



ମଧ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ସୁଭଦ୍ରା ପ୍ରଧାନ। ପରିବାର କହିଲେ ପାଞ୍ଚ ଜଣ ସଦସ୍ୟ ଦିର୍ଘ ବର୍ଷ ତଳେ ତିନୋଟି ପୁଅ ଭିତରୁ ଗୋଟିଏ ଝିଅ ଶାଶୁ ଘରକୁ ଗଲେ ଆଉ ତିନୋଟି ପୁଅ ଭିତରୁ ବଡ଼ ପୁଅ ଦେହାନ୍ତ ହେବା ପରେ ଚାରି ଜଣ ସଦସ୍ୟ ବହୁତ ଦୁଃଖ ରେ ଦିନ କାଟୁଥିବା ବେଳେ ବର୍ତ୍ତମାନ ସ୍ତ୍ରୀର ଦୁଇଟି ଗୋଡ଼ ଅଚଳ ହୋଇଯିବାରୁ ଚାଲିକୀ ଯିବା କଷ୍ଟକର ହେଉଛି। ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ ସୁଭଦ୍ରା ପ୍ରଧାନ ଙ୍କୁ ଭିନ୍ନକ୍ଷମ ଭତ୍ତା ଯୋଗାଇ ଦେବା ପାଇଁ ଅଞ୍ଚଳ ବାସୀ ଦାବି କରିଛନ୍ତି। ଅନ୍ୟ ପଟେ ଦେଖିବାକୁ ବାକି ରହିଲା ଏହି ଅସହାୟ ପରିବାର ଙ୍କୁ ନୂତନ ସରକାର କେବେ ଦୁଃଖ ଦୂର କରୁଛନ୍ତି।

## 'ମୁକ୍ତି ଦ ସୋସିଆଲ୍ ଚେଞ୍ଜ' ସଂସ୍ଥା ଦ୍ୱାରା ବୃକ୍ଷରୋପଣ

**ବଲାଙ୍ଗିର,୨୯।୭ (ସଂଚାର ବ୍ୟୁରୋ):** ପରିବେଶ ସୁରକ୍ଷା ଓ ହରିତ ବଲାଙ୍ଗିର ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ କ୍ରମେ ମୁକ୍ତି ଦ ସୋସିଆଲ ଚେଞ୍ଜ ସାମାଜିକ ସଂସ୍ଥା ପକ୍ଷରୁ ଆଜି ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟ ଦେଇ ଟିଟିଲାଗଡ଼ ରାଜରାସ୍ତା କୁ ସଂଯୋଗ କରୁଥିବା ବାଇପାସ ରୋଡରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁକ୍ତି ସଂସ୍ଥାର ସଦସ୍ୟମାନେ ରାସ୍ତାର ଦୁଇ ପାର୍ଶ୍ୱରେ ଗଛ ଲଗାଇ ଏହାକୁ ଏକ ହରିତ ପଥ ରୂପେ ବିକାଶ କରିବା ଲକ୍ଷ୍ୟ ରଖିଛନ୍ତି। ସ୍ଥାନୀୟ ଲୋକେ ଏହି ପଦକ୍ଷେପ କୁ ସ୍ୱାଗତ କରିଥିଲେ ଓ ଏହା ଦ୍ୱାରା ଅନ୍ୟମାନେ ପରିବେଶ ସୁରକ୍ଷା ଉଦ୍ୟମ ସାମିଲ ହେବେ ବୋଲି ଆଶା ବ୍ୟକ୍ତି କରିଥିଲେ। ଶେଷରେ ସମସ୍ତ ସଦସ୍ୟ ଗଛମାନଙ୍କୁ ଉଚିତ ଭାବରେ ଦେଖାରେଖା କରିବା ପାଇଁ ପ୍ରତିଜ୍ଞା କରିଥିଲେ। ମୁକ୍ତି ସଂଗଠନ ର ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଲାଙ୍ଗିରର ବିଶିଷ୍ଟ ଆଇନଜୀବୀ ତଥା ଆଇନଜ୍ଞ ଅମରେନ୍ଦ୍ର ମିଶ୍ର ଯୋଗ ଦେଇ ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ମୁକ୍ତିର କର୍ମକର୍ତ୍ତାମାନଙ୍କୁ ପ୍ରଶଂସା ଓ ଉତ୍ସାହିତ କରିଥିଲେ। ଏହା ଛଡା ଆଜିର ଏହି କାର୍ଯ୍ୟକ୍ରମ ରେ ମୁକ୍ତି ସଂଗଠନର ଉପଦେଷ୍ଟା ବୁଲୁ ଦାନୀ, ସାନନ୍ଦ ମିଶ୍ର, ଅସିତ ମିଶ୍ର, ଜୁଲୁ ପଟ୍ଟନାୟକ, ବ୍ୟାସଦେବ ନନ୍ଦ, କୈଳାଶ ମିଶ୍ର, ବ୍ରଜ ସେଠୀ, ଲୋପନ ମିଶ୍ର, ମୁକ୍ତି ସଂଗଠନର ସମ୍ପାଦକ ନୀତିଶ ପଧାନ ସହ ସମ୍ପାଦକ ଚିନ୍ମୟ ବେହେରା, ରୋହନ ସାଏ, ଚନ୍ଦନ କୁମାର ସାହୁ, ସୋହନ ନାଏକ, ପଞ୍ଚାନନ ଷାଣ୍ଢ, ରିତେଶ କୁମାର ବେଦବାକ ପ୍ରଭୃତି ଉପସ୍ଥିତ ଥିଲେ ଏବଂ ବୃକ୍ଷରୋପଣ କରିଥିଲେ।

## ଗୋଛାପଡ଼ା ଉଚ୍ଚ ବିଦ୍ୟାଳୟରେ କବି ସମ୍ମିଳନୀ

**ଫିରିଙ୍ଗିଆ,୨୯।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଲେଖକ ସାମୁଖ୍ୟ ତରଫରୁ ରବିବାର ଦିନ କବି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି କ୍ଷେତ୍ରରେ ଜିଲ୍ଲା ଲେଖକ ସାମୁଖ୍ୟ ର ସଭାପତି ରବୀନ୍ଦ୍ର ନାଥ ମିଶ୍ର ଅଧକ୍ଷ ତାରେ ଆୟୋଜିତ କାର୍ଯ୍ୟକ୍ରମ କରାଯାଇ ମୁଖ୍ୟ ଅତିଥି ଭାବେ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରମେଶ କୁମାର ସାହୁ ଯୋଗ ଦେଇଥିବା ବେଳେ ଅବସର ପ୍ରାପ୍ତ ଅଧାପକ ତ୍ରିଲୋଚନ ପଣ୍ଡା ଯୋଗ ଦେଇ ଥିଲେ। ବରିଷ୍ଠ କବି ବିଦେଶୀ ନାୟକ, ଅଶୋକ ମିଶ୍ର, ବିଜୟ ମହାନ୍ତି, ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା, ଦୁର୍ଯୋଧନ ପ୍ରଧାନ, ପୂର୍ଣ୍ଣେନ୍ଦୁ ତ୍ରୀପାଠୀ, ନବକିଶୋର ରଥ,




କଶ୍ୟପ ଦିଗାଲ, ମୋହନ ଦିଗାଲ, ନଭିଦାତ୍ୟ ଦିଗାଲ, ପ୍ରେମଲତା ସାହୁ, ନୀଳ କାନ୍ତି ସାହୁ, ଗୌରାଙ୍ଗ କହଁର,ବନ ବିହାରି ନନ୍ଦଙ୍କ ସମେତ ଅନେକ କବି କବୟିତ୍ରୀ ନିଜ ଲିଖିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରି କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ କିଛି ପ୍ରତିଭାମାନଙ୍କୁ ନେଇ ଅଧାପିକା ଜ୍ୟୋତିର୍ମୟୀ କହଁର ଓ ହରପ୍ରିୟା ମିଶ୍ର କବିତା ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିବା ଦେଖିବାକୁ ମିଳିଥିଲା।

## କୋଶଲୀ ସାହିତ୍ୟ ସଂସ୍କୃତି ବିକାଶ ପରିଷଦର ସମୀକ୍ଷା ବୈଠକ ଅନୁଷ୍ଠିତ

**ବଲାଙ୍ଗିର,୨୯।୭ (ସଂଚାର ବ୍ୟୁରୋ):** ସ୍ଥାନୀୟ ଗନ୍ଧରେଲ ରାଧାରମଣ ମନ୍ଦିର ପରିସରରେ କୋଶଲି ସାହିତ୍ୟ ସଂସ୍କୃତି ବିକାଶ ପରିଷଦ, ବଲାଙ୍ଗିର ପକ୍ଷରୁ ଅନୁଷ୍ଠାନ ର ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇସାରିଛି। ବିଶିଷ୍ଟ କୋସଲି ସଂଗଠକ ଶରତ ଚନ୍ଦ୍ର ହୋତାଙ୍କ ପୌଃରହିତ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ମୁଖପତ୍ର ମୁହୁରି ର ଅପାର ସଫଳତା ପରେ ଏହି ବୈଠକ ର ଗୁରୁତ୍ୱ ସହଜେ ଅନୁମେୟ ଥିଲା। ସଂଗଠନର ସଚିବ ମଧୁସୂଦନ ଦାସ ଓ କବି ସୁଶାନ୍ତ ବାଗଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ତଥା ଟ୍ରଷ୍ଟି ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ଙ୍କ ବାଦାନ୍ୟତା ଓ ମାର୍ଗଦର୍ଶନ ପାଇଁ ସଦସ୍ୟମାନଙ୍କ ତରଫରୁ ସାମୁହିକ କୃତଜ୍ଞତା ଓ ଧନ୍ୟବାଦ ଦିଆଯାଇଥିଲା। କାର୍ଯ୍ୟକାରୀ କମିଟି ତରଫରୁ କବି ସୁଜିତ କୁମାର ଶତପଥୀ, ତପସ୍ୱିନୀ ପଶାୟତ, ନିର୍ମାଲ୍ୟ ସ୍ୱାଇଁ ଓ ଅଭିଜିତ ଫରିକାର ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଆଗକୁ କିପରି କୋଶଲି ଭାଷାର ପ୍ରଚାର ପ୍ରସାର ହେବ, ନୁଆଁଖାଇ ଓ ପୁସପୁନି କୁ ନେଇ କୋଶଲି ଭାଷାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ଆୟୋଜନ କରାଯିବ ସେ ବିଷୟରେ ବି ଆଲୋଚନା ହୋଇଥିଲା। ସରକାରୀ ସ୍ତରରେ କିଭଳି ଆମ ଭାଷାକୁ ମାନ୍ୟତା ମିଳିବ ସେ ବିଷୟରେ ମଧ ଗଭୀର ଦୃଷ୍ଟିପାତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଟ ଟ୍ରଷ୍ଟ ସଦସ୍ୟ ସର୍ବଶ୍ରୀ କିଶୋର ଚନ୍ଦ୍ର ପୁରୋହିତ, ରଘୁନାଥ ବାବୁ, ବିରେନ୍ଦ୍ର କୁମାର ବନଛୋର, ମଧୁସୁଦନ ଦାଶ, ଆଶୁତୋଷ ମିଶ୍ର, କବି ସୁଶାନ୍ତ ବାଗ, ପୁସ୍ତମ ଜୁଆଡି, ଶ୍ରୀପାଳ ପଣ୍ଡା ପ୍ରମୁଖ ଯୋଗ ଦେଇ ତୃଣମୂଳ ସ୍ତରରୁ କୋଶଲି ଭାଷାର ବିକାଶ ତଥା ପରିଷଦର ମୁଖପତ୍ର 'ମୁହୁରି' ର କୋଶଳାଞ୍ଚଳ ର ସବୁ ଅଞ୍ଚଳରେ ପହଞ୍ଚାଇବାର ପ୍ରୟାସ ଉପରେ ଗୁରୁତ୍ୱ ଦେଇଥିଲେ।

## ବିବାହ ପ୍ରତିଶ୍ରୁତି ଓ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**ଫୁଲବାଣୀ,୨୯।୭ (ସଂଚାର ବ୍ୟୁରୋ):** ବିବାହର ପ୍ରତଶୃତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖି ୯ ମାସର ଗର୍ଭବତୀ ହେବା ପରେ ବିବାହ କରିବାକୁ ମନା କରିବା ଜଣେ ଯୁବକକୁ ମହଙ୍ଗା ପଡିଛି। ଅସହାୟ ୯ ମାସର ଗର୍ଭବତୀ ହୋଇଥିବା ଯୁବତୀ ଜଣକ ଗୋଚ୍ଛା ପଡ଼ା ଥାନାରେ ଲିଖିତ ଅଭିଯୋଗ ପରେ ଗୋଚ୍ଛାପଡ଼ା ପୁଲିସ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଗୋଚ୍ଛାପଡ଼ା ଥାନା ବାଳନ୍ଦା ପଡ଼ା ପଞ୍ଚାୟତ ବାଳନ୍ଦା ପଡ଼ା ଗାଁର ଅଭୁମନ୍ୟୁ ନାୟକ (୩୦) ସେହି ବାଳନ୍ଦା ପଡ଼ା ଗାଁର ଜଣେ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। କିଛି ଦିନ ପରେ ଗତ ୬ ବର୍ଷରୁ ଉର୍ଦ୍ଧ ହେବ ଭୁବନେଶ୍ୱର ସ୍ଥିତ ଏକ ଘରୋଇ କମ୍ପାନୀରେ ଉଭୟ ଯୁବକ ଯୁବତୀ କାମ କରୁଥିଲେ। ଏହି ସମୟ ଭିତରେ ଅଭିମନ୍ୟୁ ଯୁବତୀ ଜଣକୁ ବିବାହର ପ୍ରତିଶୃତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ମନା କରିଥିଲେ ମଧ ବିଭିନ୍ନ ପ୍ରଲୋଭନ ଦେଖାଇ ବିବାହ କରିବେ କହି ବିଭିନ୍ନ ସମୟରେ ସମ୍ପର୍କ ରଖିଥିଲେ। ବର୍ତମାନ ଯୁବତୀ ଜଣକ ୯ ମାସର ଗର୍ଭବତୀ ଥିବାବେଳେ ଅଭିମନ୍ୟୁ ଯୁବତୀଙ୍କୁ ଭୁଲାଇ ବିଭିନ୍ନ ବାହାନା କରି ବିବାହ କରିବାକୁ ମନା କରିଦେଇଥିଲେ। ଅସହାୟ ଯୁବତୀ ଜଣକ ବାଧ ହୋଇ ଗୋଚ୍ଛାପଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଚିତ୍ରାଙ୍କନ, ହସ୍ତଶିଳ୍ପ ଓ ରଚନା ପ୍ରତିଯୋଗିତା

**ଖୋର୍ଦ୍ଧା,୨୯।୭ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ମହମୁଦାବାଦ ସ୍ଥିତ ମସଜିଦ ନାସିର ଠାରେ ଅହମଦିୟା ମୁସଲିମ ମହିଳା ସଂଗଠନ ନାସରାତୁଲ ଅହମଦିୟା ମେହମୁଦାବାଦ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଗ୍ରୁପ ମୋହସିନାତର ପିଲାମାନଙ୍କୁ ରଚନା (ନମାଜ କି ଅହମିୟତ କିମ୍ବା ଅରକାନେ ଇସଲାମ) ଏହି ବିଷୟରେ ୨୦୦ଶବ୍ଦରେ ରଚନା ଲେଖିବାକୁ ଦିଆ ଯାଇଥିଲା ଏବଂ ଗ୍ରୁପ କାନେତାତ ପିଲାମାନଙ୍କ ମଧ୍ୟରେ ଅରକାନେ ଇସଲାମ ବିଷୟରେ ରଚନା ତଥା ହସ୍ତଶିଳ୍ପ ପ୍ରତିଯୋଗିତା କରାଯାଇଥିଲା । ଏହି ପରିଭାବେ ଗ୍ରୁପ ସ୍ୱାଲେହାତ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ୫୦ଜଣ ପିଲା ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ପବିତ୍ର କୋରାନ ପାଠ ସହ ହୋଇଥିଲା । ମାରିୟା ଫୟାଜ ପବିତ୍ର କୋରାନ ପାଠ କରିଥିବା ବେଳେ ସଭାନେତ୍ରୀ ତସ୍ନୁର୍ରୁନ ନାଜେରିନ ନୀରବ ପ୍ରାର୍ଥନା ଦୁଆ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଳା ସଂଗଠନର ସଭାନେତ୍ରୀ ତସ୍ନୁର୍ରୁନ ନାଜେରିନ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ସେକ୍ରେଟାରୀ ନାସରାତ ରୁକସାନା ଅଞ୍ଜୁମ ପରିଚାଳନା କରିଥିଲେ ।




## ଟାଟା ଷ୍ଟିଲ୍ ପକ୍ଷରୁ ଭାରତ ରତ୍ନ ଜେଆର୍‌ଡି ଟାଟାଙ୍କ ଜୟନ୍ତୀ ପାଳିତ




**ଯୋଡ଼ା,୨୯।୭ (ସଂଚାର ବ୍ୟୁରୋ):** ଟାଟା ଷ୍ଟିଲ୍ ପକ୍ଷରୁ, ଭାରତ ରତ୍ନ ଜେହାଙ୍ଗୀର ରତନଜୀ ଦାଦାଭୋୟ (ଜେ ଆର ଡି) ଟାଟା ଙ୍କ ୧୨୧ତମ ଜୟନ୍ତୀ ମଙ୍ଗଳବାର ଯୋଡା ଠାରେ ପାଳନ କରାଯାଇଛି । ଯୋଡା ସେଣ୍ଟ୍ରାଲ ଅଫିସ ଠାରେ ଆୟୋଜିତ ଏହି ଉତ୍ସବରେ କମ୍ପାନୀ ର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ୟୁନିୟନ୍ ପ୍ରତିନିଧିଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍ ଯୋଡ଼ାର ମୁଖ୍ୟ ରାଜେଶ କୁମାର ଏହି କିଦମ୍ବନ୍ତୀ ବ୍ୟକ୍ତିତ୍ୱ ତଥା ଭାରତୀୟ ବିମାନ ଚଳାଚଳ କ୍ଷେତ୍ରର ଜନକଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହ ଜୟନ୍ତୀ ପାଳନର ଶୁଭାରମ୍ଭ କରିଥିଲେ । ଏହାପରେ ସମସ୍ତେ ସେହି ପ୍ରବାଦ ପୁରୁଷଙ୍କୁ ସ୍ମରଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ସେହିପରି, ଯୋଡ଼ା ଇଷ୍ଟ ଲୌହ ଖଣି, ଖଣ୍ଡବନ୍ଧ ଖଣି, ମାଙ୍ଗାନିଜ୍ ଗ୍ରୁପ୍ ଅଫ୍ ମାଇନ୍ସ, କଳମଙ୍ଗ ଏବଂ ଗନ୍ଧଲପଦା ପ୍ରୋଜେକ୍ଟ ଅଫିସ, ବିଛାକୁଣ୍ଡି, ନୀଳାଚଳ ଅଫିସ ଓ ଯୋଡ଼ା ଫେରୋ ଆଲଏଜ୍ କାରଖାନାରେ ମଧ ଏହିଭଳି କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା । ବିଲେଇପଦା ଠାର ଅବସ୍ଥିତ ସ୍ପଞ୍ଜ କାରଖାନାରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଦିବସକୁ ସ୍ମରଣୀୟ କରିବା ଲାଗି କମ୍ପାନିର ଅନ୍ୟ କାର୍ଯ୍ୟକ୍ଷେତ୍ରଗୁଡ଼ିକରେ ୱାକାଥନ, ଚାରା ରୋପଣ, କୁଇଜ୍ ପ୍ରତିଯୋଗିତା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।



# ତରା-ସୂର୍‌ଜ

## ଡ. ଶୁଭେନ୍ଦୁ ମେହେର

ହେ ତରାମାନେ ତମେ କେନ୍‌ତାକରି
ଦିଶୁଛ ତ' ସୁରୁ ସୁରୁ
ସୂର୍‌ଜ ବାଗିର୍ ଉକିଆ ଦେଉଛ
କହତ ହୋ ମହାମେରୁ ?

ଦିନେ ନେଇଁ ଦିଶି କେନ୍‌ତା ଯେ' ତମେ
ରାଏତ୍ ବେଲିଆ ଦିଶ
ଉକିଆ ଦେଖଉ ହେଇକରି ତମେ
କେନ୍‌ତା ହେଲା ଡର୍‌ଶ ?

ଜାନ୍‌ଲି ଜାନ୍‌ଲି ତମେ ହୋ ସୂର୍‌ଜ
ଇ କଥା ତ' ସତ୍ ଆଏ
ଅପ୍‌ନା ପୂର୍‌ଥି ଉକିଆ ଦେଖେଇ
ଝଟ୍‌କୁଛ ଝାଏ ଝାଏ।

ଆମର୍ ସୂର୍‌ଜ ଦେଖି ହୋ ତମର୍ ରାଏଜର୍ ଲୋକ୍ ସାରା
କହୁଛନ୍ ଇଟା ସରଗ୍ ପୁରର୍
ସୁରୁଟେ କଅଁଲି ତରା।

ତମର୍ ରାଏଜେ ତମର୍ ଆଗାଡେ
ଆମର୍ ସୂର୍‌ଜ ନାଇଁ
ନାଇଁ ଦିଶନ୍ ବଲି ଦିନେ ବି ତମେ ଅନ୍ଧାରେ ପଡିଛ ଶୁଇ।

ଯାହାର୍ ଆଁଖି ନ' ଯେନ୍‌ତା ଦିଶ୍‌ସି
ସେନ୍‌ତା ତାହାକେ ହେଇ
ସେ' ସବୁ କଥା ଥିଁ ମହତ୍ ଲୁକର୍
ଲାଭ୍ କି ଲବଧି ନାଇଁ।

ତମର୍ ରାଏଜେ ଯେତ୍‌କି ପାରୁଛ
ଉଜାଲା କର ହୋ' ତମେ
ହେନ ଥାଉ ତମର୍ ରଖିଛ ଯେତେ
ବାହାଦୁରି ପନ୍ ମାନେ।

ଆମର୍ ରାଏଜେ ଆମର୍ ସୂର୍‌ଜ
ଅନ୍ଧାର୍ ପାର୍‌ସି ଖେଦି
ହେତିର୍ ଲାଗି ବଲି ଆମେ ଭାବ୍‌ସୁଁ
ଝାଏଁ କଲା ଆସୁ ଉଦି।

ତମେ ଯେତ୍‌କି ବଡ଼ ହେଇଥିଲେ ବି
ଆମର୍ କାଏଁଟା ଲାଭ୍
ଆମର୍ ଅନ୍ଧାର୍ ଖେଦ୍‌ବାର୍ ନେ
ନେଇଁ ନ' ତୁମର୍ ଭାବ୍।

ଯେ' ଯାହାର୍ ଯେତେ ଭଲ୍‌କଲେ କେତେ
ନେଇଁ ଗାଏ ତାର୍ ଗୁନ୍
ଆମର୍ ଦେଶେ କହେସୁଁ ତାହାକେ ହୋ
ସେ' ପକ୍‌କା ବଏମାନ୍।।

**ଯଲୋଏ, ସୁବର୍ଣ୍ଣପୁର**
**ମୋ-୯୯୩୮୪୩୩୬୭୪**



# ଅବ୍ୟକ୍ତ ଯନ୍ତ୍ରଣା

## ଡଃ ତାନଶ୍ରୀ ପାଣିଗ୍ରାହୀ

ଅଧୁରା ପ୍ରୀତିର ଗୀତ ତୁମେ ମୋର
ବିଞ୍ଚିଦେଲ ଅନୁରାଗ
ଗୋପନରେ ଆସି ହୃଦୟ କନ୍ଦରେ
ବୋଳିଲ ପ୍ରୀତି ସରାଗ
ଅଦିନ ବରଷା ଭିଜାଇଲା ମୋତେ
ଦେହ ଗଲା ଓଦା ହୋଇ...

ହସ ଲୁହ ଭରା ଜୀବନେ ମୋହର
ସଦା ଥିଲ ଛାଇ ପରି
ପ୍ରୀତିର ବାଦଲ ଫାଙ୍କରୁ ତୁମେ
ଡାକୁଥିଲ ହାତ ଠାରି
ହୃଦ ଉପବନେ ମନ କୋଇଲିଟା
ମିଳନର ଗୀତ ଗାଇ...

କଥା ଦେଲ ମୋତେ ଦୂରେଇ ଯିବନି
ଥିବା ଆମେ ଯେତେ ଦିନ
ବୁଝାଇଲ ମୋତେ ନିଜେ ବୁଝିଲନି
ଭାଙ୍ଗି ଦେଲ ମୋର ମନ
ଉଦାସୀ ମନରେ ଯେତେ ଦୁଃଖ ଦିଅ
ସବୁ ଲୁହ ଯିବି ପିଇ...

ସୁଖ ସାଉଁଟିବା ଭାବିବା ବେଳକୁ
କରିଲ ମୋତେ ନିରାଶ
ଯେଉଁ ଓଠ ଧାରେ ଅମୃତର ଧାର
ଝରିଲା ଛଳନା ବିଷ
ସବୁ ସ୍ୱପ୍ନ ମୋର ପୋଡି ଯାଏ ଆଜି
ମୁଠାଏ ପାଉଁଶ ହୋଇ ।।

**ବାଲେଶ୍ୱର**
**ମୋବାଇଲ: ୯୩୩୭୩୦୪୨୯୫**








# ହେ ଗୁରୁ ସତ୍ୟ ନାରାୟଣ

## ଡ଼ଃ ଅନୁପମା ବିଶ୍ୱାଳ

ତୁମେ ପରିଚୟ ପଶ୍ଚିମାଞ୍ଚଳର
ଗୁରୁ ସତ୍ୟ ନାରାୟଣ
ନିଜ ଭାଷା ପାଇଁ ଦେଇ ମନ
କରିଛ କେତେ ସାଧନା।
ଜୀବନ ପଥରେ ପଛକୁ ଘୁଞ୍ଚିନ
ରଖି ଲୟ ଭାଷା ପ୍ରତି
ସମ୍ବଲପୁରର ଏ ମାଟି ପବନ
ଗାଏ ତୁମ ଜୟ ଗୀତି।
ଘାବଘାବୋ ଘୁବକୁଡ଼ ଶ୍ରୀପଞ୍ଚମୀ
ଲେଖିଲ ଟିକ୍ ଚହଁରା
ବ୍ୟାକରଣ ତୁମ ସମ୍ବଲପୁରୀରେ
ଦିଶେ କେଡେ ଆହା ତୋରା।
ଭାଷାର ପ୍ରଚାର ପ୍ରସାର ପାଇଁକି
ସାଜିଲ ମହାନାୟକ
ଅନ୍ଧାର ଏଡାଇ ପରଶି ଦେଇଛ
ସାହିତ୍ୟ ଶୁଭ୍ର ଆଲୋକ।
ନଥିଲା ମନରେ ଗର୍ବ ଅହଂକାର
ପାଇ କେତେ ପୁରସ୍କାର
ମୁଣ୍ଡ ନୁଆଁଇଛ ମାଆ ପାଦ ତଳେ
ଏଇତ ତୁମ ସଂସ୍କାର।
କବି ସାହିତ୍ୟିକ ଲେଖକ ଲେଖିକା
ତୁମ ପଥ ଅନୁସରି
ଲେଖୁଛନ୍ତି ଆଜି ହରଷ ମନରେ
କବିତା ସମ୍ବଲପୁରୀ।
ଅଗଷ୍ଟ ପହିଲା ତୁମ ଜନ୍ମ ଦିନ
ସମ୍ବଲପୁରୀ ଦିନରେ
ପାଳିତ ହେଉଛି ମହା ଆଡ଼ମ୍ବରେ
ଏହି ପଶ୍ଚିମାଞ୍ଚଳରେ।

**ସମ୍ବଲପୁର**





# ପ୍ରିୟ ପଖାଳ

## ଧୀରେନ୍ଦ୍ର ମଲ୍ଲିକ

ଯେତେ ଖାଦ୍ୟ ଅଛି ଏଇ ଦୁନିଆରେ
ପ୍ରିୟ ମୋ ପଖାଳ ଭାତ,
ତେଣୁ ମୁଁ ନିଇତି ଆନନ୍ଦରେ ଖାଏ
ଭଲ ଭାବେ ଧୋଇ ହାତ।
ପଖାଳ ସାଥିରେ ଶାଗ ଆଳୁଭର୍ତ୍ତା
ଶୁଖୁଆ ବଡ଼ିଆ ଲାଗେ,
ବଢ଼ିଚୁରା ଆଉ ଚୁନାମାଛ ଭଜା
ଖୋଜା ପଡେ ପୁଣି ଆଗେ।
ଭାରି ଶରଧାରେ ପଖାଳ ବାଢ଼ି କି
ବୋଉ ସବୁବେଳେ ଦିଏ,
ଖାଇସାରି ମୁହଁ କଂସାଏ ତୋରାଣୀ
ହରଷ ମନରେ ପିଏ।
ମୋ' ପରି ସବୁ ଓଡ଼ିଆ ଭାଇ ବି
ଆଦର କରନ୍ତି ତାକୁ,
ବରଷକ ସାରା ଇଚ୍ଛା କରିଥାନ୍ତି
ଆନନ୍ଦରେ ଖାଇବାକୁ।
ପଖାଳ ରେ ଭରା ଔଷଧୀୟ ଗୁଣ
ଦେହ ପାଇଁ ଆମ ହିତ,
ଖାଇଲେ ଏହାକୁ ପେଟ ଥଣ୍ଡା ରୁହେ
ସରସ ହୁଅଇ ଚିତ୍ତ।
ଗରୀବର ବନ୍ଧୁ ପଖାଳ ବୋଲିକି
ଜାଣିଛନ୍ତି ଆମେ ସବୁ,
ତେଣୁ ବନ୍ଧୁ କିମ୍ବା ଅତିଥି ଆସିଲେ
ଶ୍ରଦ୍ଧାରେ ପରସି ଦବୁ।
ଓଡ଼ିଶାର ବଡ଼ ଠାକୁରଙ୍କର ବି
ଘିଅ ପଖାଳରେ ମନ,
ସେଲାଗି ଭକ୍ତିରେ ସମର୍ପି ଦିଅନ୍ତି
ସମସ୍ତ ଭକତ ଜନ।

**ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର**
**ମୋବାଇଲ୍: ୭୯୦୪୩୯୨୬୮୬**







# ଅସ୍ତ୍ର ମାନବ ଅବଦୁଲ୍ କଲାମ୍

## ସ୍ୱାଗତିକା ସାହୁ

ପୁଣ୍ୟତୋୟା ଭାରତ କୋଳେ
କମ୍ପି ଉଠେ ଯାହାଙ୍କ ଯଶ ଶବଦ....
ହୃଦୟରେ ଜାବୁଡ଼ି ଧରିଛି
ମେଞ୍ଚା ମେଞ୍ଚା ପଦାର୍ଥ ବିଜ୍ଞାନର ପ୍ରତିଭା
ବିଦ୍ୱାନ ଯଶସ୍ୱୀ ବିଜ୍ଞାନ ଦୂତ ହେ...!
ଜନ୍ମିଛ ଏ ମାଟିର ବାଣୀ ପୁତ୍ର ରୂପେ
ଭାଗ୍ୟ ମଣିଛି ତାମିଲନାଡୁର ରାମେଶ୍ୱର
ଆହେ ଏ. ପି. ଜେ ଅବଦୁଲ୍ କଲାମ୍...
ପନ୍ଦର ଅକ୍ଟୋବର ଉଣେଇଶ ଏକତିଶିରିଶି
ଜନ୍ମିଛ ନାଉରୀ ଗରିବ ପରିବାରରେ
ଇତିହାସ ପୃଷ୍ଠାରେ ମଣ୍ଡିତ
ତୁମ ଅବଦାନର ଲଳନା...
ନିରୀହ ଆଖିରେ ଆଖିଏ ସ୍ୱପ୍ନ
ଉଦ୍ଧାର କରିବ ଲୁପ୍ତ ଜ୍ଞାନକୁ....
ଶାନ୍ତ ସରଳ ନିରୀହ ତୁମ ସ୍ୱଭାବ
ଜାଳି ଦିଅ ଅନ୍ତରୀକ୍ଷ
ଇଞ୍ଜିନିୟରିଙ୍ଗ୍ ବହ୍ନି... !

ଜୀବନ ବିଦ୍ୟାଳୟର ସଫଳ ଛାତ୍ର
ମହାକାଶ ବିଜ୍ଞାନରେ ଅବଦାନ ତୁମ
ଅତୁଳନୀୟ ସର୍ବ ବନ୍ଦିତା...!
ପ୍ରତିରକ୍ଷା ବିଜ୍ଞାନରେ ସବୁରି ପ୍ରିୟ ପାତ୍ର
ହେ, ଜନ ରକ୍ଷକ ବରପୁତ୍ର....
ଆବୁଲ ପାକିର ଜୈନୁଲାବୁଦ୍ଦୀନ୍...!
ବୈଜ୍ଞାନିକ,ଲେଖକ ଭାବେ ଖ୍ୟାତି
ଆଜି ଦୁର୍ବାର ଗତିରେ ବହି ଚାଲିଛି
ଯା ' ଶାଶ୍ୱତ ଚିରନ୍ତନ ସତ୍ୟ
ଅମିୟ ଦିବ୍ୟ ଜୀବନୀ ପଥେ ପାଇଛ
କେତେ ସମ୍ବର୍ଦ୍ଧନା,ସମ୍ମାନ ,ପୁରସ୍କାର
ଭାରତ ରତ୍ନ,ପଦ୍ମ ବିଭୂଷଣରେ
ବିଭୂଷିତ ତୁମ ସମଗ୍ର ସତ୍ତା..!

ବାଲିଷ୍ଟିକ୍ ମିଶାଇଲ, ଲଞ୍ଚ ଭେହିକିଲ
ପ୍ରଯୁକ୍ତି ବିଦ୍ୟାର ଆବିଷ୍କାର
ବିଜ୍ଞାନ ମରୁଭୂମିକୁ କରିଛି ଉର୍ବର
ପାଇଛ ମିଶାଇଲ୍ ମ୍ୟାନ୍ ଆଖ୍ୟା..!
ବିସ୍ତାରିତ ଭାବଧାରା ବିଶ୍ଲେଷଣାତ୍ମକ ମନ
ନବ ଆହ୍ୱାନରେ ଦିଅ ଜୀବନ
ଜ୍ଞାନ ମହତରେ ଦେଶ ଜାତିକୁ
କର ଜାଗ୍ରତ,ସୁଉଜ୍ଜ୍ୱଳ,ବଳିଷ୍ଠ..!
ସଂସ୍କାର, ସଂସ୍କୃତି ଦେଶ ଶାସନରେ
ନହୁଅ କ୍ଳାନ୍ତ ବିବଶ ପଥିକ...
ତାରକା ସମ ବିଜ୍ଞାନ ସାହିତ୍ୟ ଆକାଶରେ
ହୁଅ ଦୀପ୍ତିମାନ...
ତୁମ ଆତ୍ମଜୀବନୀ ୱିଂଗସ୍ ଅଫ୍ ଫାୟାର
ସଜେ କୋଟି ମାନବର
ପ୍ରେରଣାର ଉତ୍ସ....!
ସ୍ୱତଃପ୍ରବୃତ୍ତିରେ ଅମର ହୋଇ
ହସୁଥିବ ତୁମେ କୀର୍ତ୍ତି ଚିରକାଳ ।

ଉମରକୋଟ,ନବରଙ୍ଗପୁର







# ବିଜ୍ଞାନ ଦେଇଛି ନୂଆ ଜୀବନ

## ସନ୍ତୋଷ କୁମାର ସାହୁ

ସାଂପ୍ରତିକ ଯୁଗ ଅଟଇ ବିଜ୍ଞାନ
ଦେଇଅଛି ନୂଆ ଜୀବନ ସତେ
ବିଜ୍ଞାନର ଜୟ ପତାକା କୁ ଧରି
ଉଦ୍ଭାବନ କଲା ଯନ୍ତ୍ରକୁ କେତେ....
ବିଜ୍ଞାନ ବଳରେ ଜିଣେ ବସୁନ୍ଧରା
ବୈଜ୍ଞାନିକ ସୂତ୍ର ସଦା ଆଦରି
ବିଜ୍ଞାନର ଜ୍ଞାନେ ଭୁଲି ପୁରାତନ
ପଛକୁ କଦାପି ଯାଇନି ଫେରି...
ଅସମ୍ଭବ କାର୍ଯ୍ୟ ସମ୍ଭବ କଲାଣି
ବିଜ୍ଞାନ ବଳରେ ପାଇଣ ଜ୍ଞାନ
ରେଳ ଟେଲିଫୋନ କମ୍ପ୍ୟୁଟର ଘଣ୍ଟା
ସବୁ ବିଜ୍ଞାନର ମହାନ ଦାନ ....
ଖାଦ୍ୟ ପଦାର୍ଥକୁ ବହୁ ଦିନ ଧରି
ସୁରକ୍ଷିତ ଭାବେ ପାରୁଛି ରଖି
ବିଜ୍ଞାନ ପ୍ରଣାଳୀ ପ୍ରୟୋଗ କରିଣ
ଉନ୍ନତ କୃଷି ବି ଗଲାଣି ଶିଖି ....
ଆଜିର ମାନବ ବିଜ୍ଞାନ ଜ୍ଞାନରେ
କୌଶଳକୁ କରି ସୁଉପଯୋଗୀ
ଚିକିତ୍ସା ବଳରେ ସୁସ୍ଥ ହେଉଅଛି
ଦୀର୍ଘ ଦିନ ଥିବା ଅସୁସ୍ଥ ରୋଗୀ ....
ବିଜ୍ଞାନ ଜ୍ଞାନରେ କରି ଉଦ୍ଭାବନ
ବୈଜ୍ଞାନିକ ଯନ୍ତ୍ର ଜ୍ଞାନ କୌଶଳ
ଚନ୍ଦ୍ର ମଣ୍ଡଳକୁ ପଦାର୍ପଣ କରି
ବିଜୟୀ ହେଉଛି ବିଶ୍ୱ ମଣ୍ଡଳ ....
ବିଜ୍ଞାନୀ ମାନବ ଅନ୍ଧ ବିଶ୍ୱାସକୁ
ସନ୍ଦେହ ମୋଚନ କରୁଛି ସତ
ଯାତାୟାତ ପାଇଁ ସୁଗମ ବ୍ୟବସ୍ଥା
ମରୁ'ରେ କରୁଛି ସବୁଜ କ୍ଷେତ ....
ଆଜିର ମାନବ ବିଜ୍ଞାନର ବିନା
ବଞ୍ଚି ପାରିବନି କ୍ଷଣିକ ପାଇଁ
ଜଳରେ ବୁଡୁଛି ଆକାଶେ ଉଡୁଛି
ପାହାଡ଼ ଉପରୁ ପାରୁଛି ଡେଇଁ ....

**ଗାନ୍ଧୀ ନଗର ,କୋରାପୁଟ**





# ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା

## କବି ଭାରତୀ ବାସନ୍ତୀ ଲତା ଜେନା

ମାନବ ଜୀବନ ଅଢେଇ ଦିନିଆ
ଅକାରଣ କର ନାହିଁ
ଆଜି ମଲେ କାଲି ହେବ ଦୁଇ ଦିନ
ଏ କଥାକୁ ଭୁଲ ନାହିଁ ।୧।
ମୋର ମୋର କହି ଧନ ତୁ ସଞ୍ଚିଲୁ
ନେବୁ ନାହିଁ ତୋ ସାଥିରେ
ଲୋଭ ମୋହ ସାଥେ ସ୍ୱାର୍ଥାନ୍ଧ ହେଉଛୁ
ପୂଣ୍ୟ କିଛି କର ବାରେ ।୨।
ଦାନ ଧର୍ମ କିଛି କରି ଥିଲେ ପରା
ପଥକୁ ସଙ୍ଖାଳି ହେବ
ଦୁଃଖୀ ରଙ୍କ ସେବା ଈଶ୍ୱରଙ୍କ ସେବା
ଏକଥା ମନେ ରଖିବ ।୩।
ଶରୀରରୁ ପ୍ରାଣ ଉଡି ଗଲା ପରେ
ମଡ଼ା ବୋଲି ତ କହିବେ
ଛୁଇଁ ଦେଲେ ତୋତେ ଛଅନ୍ତା ହୋଇବେ
ଜଳରେ ସ୍ନାନ କରିବେ ।୪।
ଛଅ ଖଣ୍ଡି କାଠ ତୋର ଲୋଡ଼ା ହେବ
ଯିବୁରେ ଚାରି କାନ୍ଧରେ
ଖଇ କଉଡ଼ିକୁ ଆତ୍ମୀୟ ସଞ୍ଚିବେ
ସୂଚି ଗୋବର ପାଣିରେ ।୫।
ରାମ ନାମ ସତ୍ୟ ହରି ନାମ ସତ୍ୟ
ବୋଲୁ ଥିବେ ବାର ବାର
ମଶାଣି ଯୁଇରେ ତୋ ଚିତା ଜାଳିକି
ଗାଧୋଇ ଫେରିବେ ଘର ।୬।
ଆତ୍ମୀୟ ସ୍ୱଜନ ଦୁଃଖରେ କାନ୍ଦିବେ
ବାର କ୍ରିୟା ସାରିଦେବେ
ଧୀରେ ଧୀରେ ବାବୁ ତୋତେ ଭୁଲି ଯିବେ
ଅଲୋଡ଼ା ବୋଲି ଭାବିବେ ।୭।
ଏଣୁ କରି ଧନ ପୂଣ୍ୟ କର୍ମ କଲେ
ତୋର ଗୁଣ ଗାନ ହେବ
ପାପ କର୍ମ କରି ଧନ ଅରଜିଲେ
ଗାଳି ନିଷ୍ଠେ ଖାଉ ଥିବ ।୮।
ତୋର ଧନ ବାବୁ ଆତ୍ମୀୟ ଖାଇବେ
ତୋ ପାପକୁ ନେବେ ନାହିଁ
ଆସିଅଛୁ ଏକା ଯିବୁ ଶୂନ୍ୟ ହସ୍ତେ
ଗର୍ବ କରୁ କାହିଁ ପାଇଁ ।୯।
ସତ୍ୟ ଧର୍ମ ପଥେ ପାଦ ବଢ଼ାଇଲେ
ସହା ହୋଇବେ ଈଶ୍ୱର
ଏ ମର୍ତ୍ତ୍ୟ ଧାମରେ ତୋ କୀର୍ତ୍ତି ରହିବ
ସାର୍ଥକ ଜୀବନ ତୋର ।୧୦।

ଗାନ୍ଧୀନଗର, ପୋଷ୍ଟ/ ଜିଲ୍ଲାଃ ନବରଙ୍ଗପୁର



# ଉତ୍କଳ ଦିବସ

## ସୁନିତା ମହାନ୍ତି

ସ୍ୱତନ୍ତ୍ର ପ୍ରଦେଶ ହୋଇଲା ମୋ ରାଜ୍ୟ
ଅପ୍ରେଲ ପହିଲା ଦିନ
ରହିଗଲା ପୁଣି ଇତିହାସେ ଲେଖା
ଉତ୍କଳ ଦିବସ ଜାଣ ।
ଏହି ଦିନ ଆମ ଗର୍ବ ଓ ଗୌରବ
ଓଡିଶା ମାଟିର ଟେକ
ଉଣେଇଶ ଶହ ଛତିଶ ମସିହା
ଅପ୍ରେଲ ଏକ ତାରିଖ ।
ଆମ ଭାଷା, ଆମ ସଂସୃତି ର ଆଜି
ସ୍ୱତନ୍ତ୍ର ମାନ୍ୟତା ଦେଇ
ଚାଲିଗଲେ ବୀର ଲଢ଼ି ରାଜ୍ୟ ପାଇଁ
କୋଟି ନମନ ତାଙ୍କ ପାଇଁ ।
ନବ ନିର୍ମିତ ଏ ଉତ୍କଳ ମାତାର
ମଧୁ ବାବୁ,ରାଧା ନାଥ
ଫକୀର ମୋହନ, ନୀଳକଣ୍ଠ ଦାସ
ନେଇଥିଲେ ପ୍ରାଣ ଶପଥ ।
ନବ ନିର୍ମିତ ଏ ପ୍ରଦେଶ ଆମର
ଆମେ ଓଡିଶା ବାସି
ଭାଇ ଚାରା ଆମ ଉତ୍କଳ ସଂସ୍କୃତି
ପରିଚୟେ ଦେବା ହସି ।
ଯଶ କିର୍ତ୍ତୀ ଆମ ଓଡ଼ିଆ ପୁଅର
ପ୍ରମାଣ ଓଡିଶା ଅସ୍ମିତା
ଜଗନ୍ନାଥ ଆମ ବଡ଼ ଠାକୁର ଯେ
ବଡ଼ ଦେଉଳ ଦେବତା ।

ଉତ୍କଳ ଦିବସ ଉତ୍କଳ ମାଟିରେ
ଉତ୍କଳ ବିଶ୍ୱ ବନ୍ଦିତା
ସ୍ନେହଁ ପ୍ରେମ ମୈତ୍ରୀ ଶାନ୍ତି ସଦଭାବ
ଓଡ଼ିଆ ଭାଷା ଅସ୍ମିତା ।

**ଆଳି, କେନ୍ଦ୍ରାପଡ଼ା**

